୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

Vol.26 . No.107 Bhubaneswar Saturday June 01 2024 | ୨୬ତମ ବର୍ଷ ସଂଖ୍ୟା–୧୦୭ ଭୁବନେଶ୍ୱର, ଶନିବାର, ଜୁନ ୧, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଭୋଟ୍ ପୂର୍ବରୁ ମିଶନ ଶକ୍ତି ଗୃହରେ ଚାଲିଥିଲା ଟଙ୍କା ବଣ୍ଟା, କଳା ପଲିଥିନରୁ ୧.୧୮ ଲକ୍ଷ ଜବତ

ଭୁବନେଶ୍ୱର,୩୧।୫(ପିଏନ):ଆସନ୍ତାକାଲି ଶେଷ ପର୍ଯ୍ୟାୟ ଭୋଟ୍। ବାଲେଶ୍ୱର ସଂସଦୀୟ କ୍ଷେତ୍ର ଓ ଏହା ଅଧୀନରେ ଥିବା ବିଧାନସଭା ଆସନ ପାଇଁ କାଲି ମତଦାନ କରିବେ ଭୋଟର। ହେଲେ ତା' ପୂର୍ବରୁ ଆସିଛି ଟଙ୍କା ବଣ୍ଟା ଅଭିଯୋଗ। ଜିଲ୍ଲାର ରେମୁଣାରୁ ଆସିଛି ଏହି ଅଭିଯୋଗ।ରେମୁଣା ବ୍ଲକ୍ ପରିସର ସ୍ଥିତ ମିଶନ ଶକ୍ତି ଗୃହରେ ଏସ୍ଏଚ୍‌ଜି ମହିଳାମାନେ ଟଙ୍କା ବାଣ୍ଟୁଥିବାର ଅଭିଯୋଗ ହୋଇଛି। ଏନେଇ ବିଜେପି ବିଧାୟକ ପ୍ରାର୍ଥୀ ଅଭିଯୋଗ କରିବା ପରେ ପହଞ୍ଚିଥିଲା ଫ୍ଲାଇଂ ସ୍କ୍ୱାଡ୍। ସେହି ସମୟରେ ସେଠାରୁ ୩ ଜଣ ଏସ୍ଏଚ୍‌ଜି ମହିଳା ଚମ୍ପଟ ମାରିଥିବା



କୁହାଯାଉଛି। ଅନ୍ୟପକ୍ଷରେ ଯାଞ୍ଚ ବେଳେ ସେଠାରୁ ଏକ କଳା ପଲିଥିନରୁ ବାହାରିଥିଲା ପୁଳାପୁଳା ୫୦୦ ଟଙ୍କିଆ ନୋଟ୍। ସେଥିରୁ ମୋଟ ୧ ଲକ୍ଷ ୧୮ ହଜାର ଟଙ୍କା ଜବତ କରାଯାଇଛି। କିଛି ନୋଟ୍‌କୁ ବଣ୍ଡଲ ବଣ୍ଡଲ କରି ବନ୍ଧାଯାଇ ତା' ଉପରେ ଧଳା କାଗଜରେ କିଛି ସଂଖ୍ୟା ଲେଖାଯାଇଥିଲା। ସେହିପରି ଆଉ କିଛି ୫୦୦ ଟଙ୍କିଆ ନୋଟ୍ ଗୁଡିକୁ ଧଳା କାଗଜରେ ତିଆରି ଛୋଟ ଛୋଟ ପୁଡିଆରେ ରଖାଯାଇଥିଲା। ଏଗୁଡିକ ଭୋଟରଙ୍କୁ ବାଣ୍ଟିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିଲା ଓ କେଉଁ କେଉଁ ବୁଥ୍‌ରେ ଦିଆଯିବ, ତାହା ଲେଖା ଯାଇଥିଲା ବୋଲି କୁହାଯାଉଛି।

## ଭଡ଼ା ଘର ଭିତରୁ ବାର୍ ଡ୍ୟାନସର୍‌ଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର, ମୃତ୍ୟୁର କାରଣ ଅସ୍ପଷ୍ଟ

ଭୁବନେଶ୍ୱର,୩୧।୫(ପି.ଏନ): ଭଡ଼ା ଘର ଭିତରୁ ଯୁବତୀଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି । ପାହାଳ ଥାନା ଶିବଶକ୍ତି ନଗର ସ୍ଥିତ ଏକ ବିଲ୍ଡିଂରୁ ମୃତଦେହ ଉଦ୍ଧାର । ମୃତ ଯୁବତୀଙ୍କ ଘର ଚଣ୍ଡିଗଡ଼ ହୋଇଥିବା ସୂଚନା । ଯବତୀ ଜଣଙ୍କ କଟକ ରୋଡସ୍ଥିତ ଏକ ବାର୍ ରେ ବାର୍ ଡ୍ୟାନସର୍ ଭାବେ କାମ କରୁଥିଲେ । ଘଟଣାସ୍ଥଳରେ ପାହାଳ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନାଘନା କରୁଛନ୍ତି ।

## ପୁରୀ ବାଣ ବିସ୍ଫୋରଣ ଘଟଣାରେ ଆଉ ୨ ଜଣଙ୍କ ମୃତ୍ୟୁ

ପୁରୀ,୩୧।୫(ପି.ଏନ): ପୁରୀ ବାଣ ବିସ୍ଫୋରଣ ଘଟଣାରେ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଛି। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହା ସହିତ ଏହି ଘଟଣାରେ ମୃତ୍ୟୁ ସଂଖ୍ୟା ୬କୁ ବୃଦ୍ଧି ପାଇଛି।ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରୁ ପାଇଥିବା ତଥ୍ୟ ଆଧାରରେ ଆଉ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚନା ଦେଇଛି ଏସ୍ଆର୍‌ସିଙ୍କ କାର୍ଯ୍ୟାଳୟ। ଚିକିତ୍ସାଧୀନ ଅବସ୍ଥାରେ ଏହି ୨ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଆହତ ହୋଇଥିବା ଆହୁରି ୨୪ ଜଣ କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ଅଧିକ ସମୟ ଏସି ବ୍ୟବହାର କରନ୍ତୁ ନାହିଁ: ଅଗ୍ନିକାଣ୍ଡ ପରେ ଏମିତି ପରାମର୍ଶ ଦେଲେ ଅଧିକାରୀ

ଭୁବନେଶ୍ୱର,୩୧।୫(ପି.ଏନ): ଚଳିତ ସପ୍ତାହରେ ନୋଏଡାରେ ଥିବା ଗୋଟିଏ ଆପାର୍ଟମେଣ୍ଟର ଫ୍ଲାଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଘରେ ଲାଗିଥିବା ସ୍ପିଲ୍ଟ ଏସିରେ ବିସ୍ଫୋରଣ ଯୋଗୁ ନିଆଁ ଲାଗି ଯାଇଥିଲା। ତେବେ ଘଟଣାରେ କେହି ବି ମୃତାହତ ହୋଇ ହୋଇ ନଥିଲେ।ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଦେଖାଯାଉଥିବାରୁ ଅଧିକାଂଶ ଲୋକ ଏସିର ବହୁଳ ବ୍ୟବହାର କରୁଛନ୍ତି।

## ସାଂଘାତିକ ଖରା: ୧୦ ପୋଲିଂ କର୍ମଚାରୀଙ୍କ ସମେତ ୧୪ ମୃତ

ଭୁବନେଶ୍ୱର,୩୧।୫(ପି.ଏନ): ନିର୍ବାଚନ ଋତୁରେ ପ୍ରବଳ ଖରା ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ମୁଣ୍ଡ ଫଟା ଖରା ଯୋଗୁ ବିହାରରେ ଗତ ୨୪ ଘଣ୍ଟାରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ୧୦ ଜଣ ପୋଲିଂ କର୍ମଚାରୀ ରହିଛନ୍ତି। ସମସ୍ତଙ୍କର ମୃତ୍ୟୁ ହିଟଷ୍ଟ୍ରୋକ ବା ଅଂଶୁଘାତ ଯୋଗୁ ହୋଇଛି।ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଭୋଜପୁରରେ ସର୍ବାଧିକ ୫ ଜଣ ହିଟଷ୍ଟ୍ରୋକ ଯୋଗୁ ପ୍ରାଣ ହରାଇଛନ୍ତି। ନିର୍ବାଚନ ଡ୍ୟୁଟିରେ ଥିବା ବେଳେ ଏଠାରେ ୫ ଜଣ କର୍ମଚାରୀଙ୍କ ଜୀବନ ଯାଇଛି।



## ଜଳିଲା ପଶ୍ଚିମ ଓଡିଶା, ଆସନ୍ତାକାଲି ବି ନାହିଁ ନିସ୍ତାର

ଭୁବନେଶ୍ୱର,୩୧।୫(ପି.ଏନ): ଜଳୁଛି ପଶ୍ଚିମ ଓଡିଶା। ଆକାଶରୁ ହେଉଛି ଅଗ୍ନି ବର୍ଷା । ପଶ୍ଚିମ ଓଡିଶାର ୮ଟି ସହରର ତାପମାତ୍ରା ଆଜି ୪୫ ଡିଗ୍ରୀ ସେଲସିୟସ ବା ତା' ଉପରେ ରେକର୍ଡ କରାଯାଇଛି। ତତଲାଗଡ ଭାବେ ପରିଚିତ ଟିଟିଲାଗଡରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୬.୫ ଡିଗ୍ରୀ ସେଲ୍ ?ସିୟସ ରେକର୍ଡ କରାଯାଇଛି। ଫଳରେ ଆଜି ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି ।ବଲାଙ୍ଗିରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୬.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୋନପୁରରେ ୪୬.୨, ବରଗଡରେ ୪୬, ସମ୍ବଲପୁରରେ ୪୫.୨, ଝାରସୁଗୁଡାରେ ୪୫, ଭବାନୀପାଟଣାରେ ୪୫ ଓ ନୂଆପଡାରେ ୪୫ ଡିଗ୍ରୀ ରହିଥିଲା। ହୀରାକୁଦରେ ତାପମାତ୍ରା ୪୪.୭ ଡିଗ୍ରୀ ରହିଥିବା ବେଳେ ବୌଦ୍ଧରେ ୪୪ ଓ ସୁନ୍ଦରଗଡରେ ୪୨ ଡିଗ୍ରୀ ରହିଥିଲା। ସେହିପରି ମାଲକାନଗିରିରେ ତାପମାତ୍ରା ୪୩.୭, ଫୁଲବାଣୀରେ ୪୩, ପାରଳାଖେମୁଣ୍ଡିରେ ୪୦.୫,ନବରଙ୍ଗପୁରରେ ୪୦.୫ ଓ ରାୟଗଡାରେ ୪୦ ଡିଗ୍ରୀ ରହିଥିଲା ।ଅନ୍ୟପକ୍ଷରେ ଆଜି ରାଜ୍ୟର ଅନ୍ୟ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ତଳକୁ ରହିଥିଲା। ନୟାଗଡରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୩ ଡିଗ୍ରୀ ରହିଥିବା ବେଳେ ତାଳଚେରରେ ୩୯, ଅନୁଗୋଳରେ ୩୮.୭, ଯାଜପୁରରେ ୩୮, ଦାରିଙ୍ଗବାଡିରେ ୩୮, କୋରାପୁଟରେ ୩୭, ଦେବଗଡରେ ୩୬.୬, ଖୋର୍ଦ୍ଧାରେ ୩୬, କେନ୍ଦ୍ରାପଡାରେ ୩୬, ଢେଙ୍କାନାଳରେ ୩୫.୬, ଛତ୍ରପୁରରେ ୩୫.୬, କଟକରେ ୩୫, ଗୋପାଳପୁରରେ ୩୪.୫, କେନ୍ଦୁଝରରେ ୩୪, ପୁରୀରେ ୩୪.୧, ଭୁବନେଶ୍ୱରରେ ୩୪, ପାରାଦୀପରେ ୩୩.୧, ଚାନ୍ଦବାଲିରେ ୩୨.୮, ଭଦ୍ରକରେ ୩୨ ଓ ବାଲେଶ୍ୱରରେ ୩୧.୬ ଡିଗ୍ରୀ ସେଲ୍ ?ସିୟସ ରେକର୍ଡ କରାଯାଇଥିଲା।

## ଏକଜିଟ ପୋଲ ବିତର୍କରେ ଭାଗ ନେବ ନାହିଁ କଂଗ୍ରେସ


ଭୁବନେଶ୍ୱର,୩୧।୫(ପି.ଏନ): ଆସନ୍ତାକାଲି ଦେଶ ତଥା ଓଡିଶାରେ ଶେଷ ପର୍ଯ୍ୟାୟ ମତଦାନ ହେବ। ଅନ୍ତିମ ଲଢ଼େଇରେ ଦେଶର ୫୭ଟି ଲୋକସଭା ଆସନରେ ମତଦାନ ହେବ। ଏହାପରେ ଜୁନ ୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। କିନ୍ତୁ ମତଦାନ ଶେଷ ହେବା ମାତ୍ରେ ବିଭିନ୍ନ ଗଣାମଧ୍ୟମ ପ୍ରକାଶ



କରିବେ ବୁଥ ବାହୁଡା ମତ ବା ଏକଜିଟ ପୋଲ ରେଜଲ୍ଟ।ଏକଜିଟ ପୋଲରୁ ପରବର୍ତ୍ତୀ ସରକାରକୁ ନେଇ ଗୋଟିଏ ସମ୍ୟକ ଧାରଣା ସୃଷ୍ଟି ହେବ। ଅନେକ ସମୟରେ ଏକଜିଟ ପୁଲ ରିପୋର୍ଟ ମଧ ଭୁଲ ପ୍ରମାଣିତ ହେବାର ନଜିର ରହିଛି।

## ବିଜେପି 'ବାଣ'ରେ ବିଜେଡି ଘାଇଲା: ନବୀନ ଦେଖିଲେ 'ଓଡିଆ ଚ୍ୟାନେଲ', ୩ବର୍ଷ ତଳେ ଉପହାର ପାଇଥିବା ବହି ବି କିଣିଲେ

ଭୁବନେଶ୍ୱର,୩୧।୫(ପି.ଏନ): ବିଜେପି ନେତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ 'ବାଣ'ରେ ବିଜେଡି ଘାଇଲା ହୋଇଛି। ଧର୍ମେନ୍ଦ୍ରଙ୍କ ଗତକାଲିର ବୟାନକୁ ଭୁଲ୍ ପ୍ରମାଣିତ କରିବା ପାଇଁ ବିଜେଡି ଆଜି ପ୍ରୟାସ କରିଛି। ଆଉ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିଭିରେ ଓଡିଆ ଚ୍ୟାନେଲ ଦେଖୁଥିବାର ଏକ ଭିଡିଓକୁ ଦଳ ପକ୍ଷରୁ ଶେୟାର କରାଯାଇଛି। ଯାହା ଏବେ ରାଜନୀତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଗତକାଲି ଧର୍ମେନ୍ଦ୍ର ଏଏନଆଇକୁ ସାକ୍ଷାତକାର ଦେଇ ନବୀନ ପଟ୍ଟନାୟକଙ୍କ ବେଡରୁମରୁ ଟେଲିଫୋନ୍ କଟାଯାଇଛି ଓ ସେ ଦେଖୁଥିବା ଟିଭିରେ ଓଡିଆ ଚ୍ୟାନେଲ ନାହିଁ ବୋଲି କହିଥିଲେ। ଯାହାକୁ ନେଇ ବିଜେଡିରେ କମ୍ପନ



ସୃଷ୍ଟି ହୋଇଥିଲା ।ଆସନ୍ତାକାଲି ଶେଷ ପର୍ଯ୍ୟାୟ ମତଦାନ ଥିବାବେଳେ ଧର୍ମେନ୍ଦ୍ରଙ୍କ ଏଭଳି ବୟାନ ବିଜେଡି ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ବିଜେଡି ନେତୃତ୍ୱ ଆଶଙ୍କା କରି ତରବରିଆ ଭାବେ ସ୍ଥିତିକୁ ମ୍ୟାନେଜ୍ ପାଇଁ ଆଜି ପ୍ରୟାସ କରିଥିବା ଜଣାପଡିଛି। ନବୀନଙ୍କ ଭାବମୂର୍ତ୍ତିକୁ ମ୍ୟାନେଜ୍ କରିବା ଓ ସେ ସମ୍ପୂର୍ଣ୍ଣ ଫିଟ୍ ଥିବା ଏବଂ ଲୋକଙ୍କ ସହ ମିଶୁଥିବାର ସନ୍ଦେଶ ଦେବା ପାଇଁ ଆଜି ନବୀନ ପଟ୍ଟନାୟକଙ୍କୁ ଧରି ବିଜେଡିର ସର୍ବ ?ସର୍ବା ଭିକେପାଣ୍ଡିଆନ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଥିବା ଏକ ବହି ଦୋକାନକୁ ଯାଇଥିଲେ। ସେଠାରେ ନବୀନ ୨ଟି ପୁସ୍ତକ କିଣି ୨୫୦୦ଟଙ୍କା ବିଲ୍ ଦେଇଥିଲେ। ତେବେ ସବୁଠୁ ବଡକଥା ହେଲା ନବୀନ ଯେଉଁ ଦୁଇଟି ପୁସ୍ତକ କିଣିଥିଲେ ସେଥିରୁ ଗୋଟିଏ ପୁସ୍ତକ 'ସିକ୍‌ରେଟ୍ସ ଅଫ ଶିମିଳିପାଳ'କୁ ଏହାର ରଚୟିତା ଦେବବ୍ରତ ସ୍ୱାଇଁ ନିଜେ ୨୦୨୧ ସେପ୍‌ଟେମ୍ବର ୧୬ତାରିଖରେ ନବୀନଙ୍କୁ ଉପହାର ଦେଇଥିଲେ। ନବୀନ ଉକ୍ତ ପୁସ୍ତକକୁ ସେତେବେଳେ ପଢ଼ି ନଥିଲେ ଅବା ଆଜିର ପ୍ରାୟୋଜିତ କାର୍ଯ୍ୟକ୍ରମବେଳେ ଏକଥା ନବୀନ ନିଜେ ବୋଧହୁଏ ଭୁଲି ଯାଇଛନ୍ତି ବୋଲି ଚର୍ଚ୍ଚା ହେଉଛି।

## ପଶ୍ଚିମ ଓଡିଶାରେ ଅସ୍ୱାଭାବିକ ମୃତ୍ୟୁ ପ୍ରସଙ୍ଗକୁ ନେଇ ତନାଘନା, ରାଉରକେଲା ଗଲା ସ୍ୱତନ୍ତ୍ର ଟିମ




ରାଉରକେଲା,୩୧।୫(ପି.ଏନ): ରାଉରକେଲାରେ ଅସ୍ୱାଭିକତା କାରଣରୁ ଏପର୍ଯ୍ୟନ୍ତ ୧୨ଜଣଙ୍କର ମୃତ୍ୟୁ ଘଟିଛି । ଅଂଶୁଘାତ ଯୋଗୁଁ ଏପରି ମୃତ୍ୟୁ ବୋଲି କୁହାଯାଉଛି । ପଶ୍ଚିମ ଓଡିଶାରେ ଅସ୍ୱାଭାବିକ ମୃତ୍ୟୁ ପ୍ରସଙ୍ଗକୁ ନେଇ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ତେବେ ଏହି ପ୍ରସଙ୍ଗର ତଦନ୍ତ ପାଇଁ ସୁନ୍ଦରଗଡରୁ ରାଉରକେଲା କୁ ଗଲା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ମେଡିକାଲ ଅଫିସରଙ୍କ ତତ୍ତ୍ୱାବଧାନରେ ଏହି ଟିମ୍ ରାଉରକେଲା ଯାଇଛି । ଏହି ଟିମ୍ ରାଉରକେଲା ଯାଇ ଘଟଣାର ତଦନ୍ତ କରିବ ।ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ରାଉରକେଲା ସରକାରୀ ମେଡିକାଲରେ ପହଞ୍ଚିଛନ୍ତି । ସେ ସେଠାରେ ଏହି ଅସ୍ୱାଭାବିକ ମୃତ୍ୟୁ ପ୍ରସଙ୍ଗର ସ୍ଥିତିକୁ ଅନୁଧ୍ୟାନ କରିଛନ୍ତି ।ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୃତ୍ୟୁର ତଦନ୍ତ ହେବାର ନିର୍ଦ୍ଦେଶ ଦେଇଛି । ସବୁ ମୃତଦେହର ବ୍ୟବଚ୍ଛେଦ କରାଯିବ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ । ୪୧ ଜଣଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ନେଇ ଲୋକମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

## କାଲି ଶେଷ ପର୍ଯ୍ୟାୟ ମତଦାନ; ଗାଁ ମୁହାଁ ୬ ଜିଲ୍ଲାର ଭୋଟର, ଭୁବନେଶ୍ୱର-କଟକ ବସଷ୍ଟାଣ୍ଡରେ ପ୍ରବଳ ଭିଡ଼

ଭୁବନେଶ୍ୱର,୩୧।୫(ପି.ଏନ): ଆସନ୍ତାକାଲି ଶେଷ ପର୍ଯ୍ୟାୟ ମତଦାନ । ଦେଶର ୫୭ ଆସନ ପାଇଁ ହେବ ଭୋଟ । ରାଜ୍ୟରେ ୬ ଲୋକସଭା ଓ ୪୨ ବିଧାନସଭା ପାଇଁ ହେବ ମତଦାନ । ପ୍ରଚାର ଶେଷ ହେବା ସହ ମତଦାନ ପାଇଁ ଆରମ୍ଭ ହୋଇଯାଇଛି କାଉଂଟଡାଉନ । ଶେଷ ପର୍ଯ୍ୟାୟରେ ହେବାକୁ ଥିବା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁର ଲୋକସଭା ଓ ୪୨ଟି ବିଧାନସଭା ଆସନରେ ନେତା ବାଛିବେ ଭୋଟର । ମତାଧିକାର ସାବ୍ୟସ୍ତ କରି ନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୯୯ ଲକ୍ଷ ୬୧ ହଜାର ୪୬୦ ଭୋଟର । ଏହାରି ଭାତରେ ଜନ୍ମଭୂମିକୁ ଫେରୁଛନ୍ତି ସହରରେ ରହୁଥିବା ଲୋକ । ବସଷ୍ଟାଣ୍ଡ-ରେଲ୍‌ୱେ ଷ୍ଟେସନରେ ପ୍ରବଳ ଭିଡ଼ । ସବୁଠୁ ବଡ଼ କଥା ହେଉଛି ଏତେ ଅସୁବିଧାରେ ବି ସମସ୍ତଙ୍କ ମନରେ ଉତ୍କଣ୍ଠା । ଭୋଟ ଦେବେ ଆଉ ସେମାନଙ୍କର ମନ ପସନ୍ଦର ନୂଆ ନେତା ବାଛିବେ । ସେପଟେ ସରିଛି ନିର୍ବାଚନ ପ୍ରଚାର । ନିର୍ବାଚନ କମିସନଙ୍କ ନିୟମ ଅନୁସାରେ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ପ୍ରଚାର ଗତକାଲି ସନ୍ଧ୍ୟାରୁ ସମ୍ପୂର୍ଣ୍ଣ ଶେଷ ହୋଇଯାଇଛି । ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ସହ ଶେଷ ହୋଇଛି ନିର୍ବାଚନ ପାଇଁ ପ୍ରଚାର ।ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରଭାବ ଜାରି ରହିଥିବା ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି । ତଥାପି ଭୋଟର ମାନେ ଭୋଟ୍ ଦେବାକୁ ସକାଳୁ ସକାଳୁ ବସଷ୍ଟାଣ୍ଡ-ରେଲ୍‌ୱେ ଷ୍ଟେସନରେ ପହଞ୍ଚି ଥିଲେ । ହେଲେ ୬ ଜିଲ୍ଲାର ଏତେ ସଂଖ୍ୟକ ଲୋକ ଯିବା ପାଇଁ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଅନେକ ଯାତ୍ରୀ ଏଭଳି ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ଯେ ପଛକେ ଆମେ ଛିଡ଼ା ହୋଇ ଯିବୁ କିନ୍ତୁ ଭୋଟ୍ ଦେବୁ ।

## ଚାନ୍ଦବାଲି ନିର୍ବାଚନ ହିଂସା: ଗିରଫ ହେଲେ ୫ ଜଣ

ଚାନ୍ଦବାଲି,୩୧।୫(ପି.ଏନ): ଅଭିଳାଷ ପଣ୍ଡାଙ୍କୁ ଆକ୍ରମଣ ମାମାଲର ମୋଡ ନୂଆ ରୂପ ନେଇଛି । ଏହି ମାମଲାରେ ୫ଜଣଙ୍କୁ ଗିରଫ କଲା ପୋଲିସ । ଏଥିରେ ବିଜେଡିର ୫ଜଣ କର୍ମୀ ଗିରଫ ହୋଇଥିବାର ସୂଚନା ମିଳିଛି । ଅନ୍ୟପଟେ ଏହା ବିରୋଧରେ ବିଜେଡି ପାଲଟା ଏତଲା ଦେଇଛି । ଚାନ୍ଦବାଲି ବିଜେଡି ୧୧ ଜଣଙ୍କ ନାଁରେ ଏତଲା ଦେଇଛି । ଏଥିରେ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷଙ୍କୁ ଆକ୍ରମଣ କରାଯାଇଥିଲା ।

## ପାରଳାରେ ଲୁଟେରାଙ୍କ ଆତଙ୍କ : ସ୍ପଷ୍ଟ ଦିବା ଲୋକରେ ଲୁଟିନେଲେ ସୁନା ଗହଣା ଓ ୩ ଲକ୍ଷରୁ ଉର୍ଦ୍ଧ ଟଙ୍କା

ପାରଳାଖେମୁଣ୍ଡି,୩୧/୫(ପି.ଏନ): ଗଜପତି ଜିଲ୍ଲା ମହକୁମା ପାରଳାଖେମୁଣ୍ଡି ସହରରେ ଲୁଟେରାଙ୍କ ଆତଙ୍କ ଦେଖାଦେଇଛି. ସ୍ପଷ୍ଟ ଦିବା ଲୋକରେ ଜବରଦସ୍ତ ଘରେ ପ୍ରବେଶ କରି ଘର ମାଲିକଙ୍କ ପୁଅର ବେକରେ ଭୁଜାଲି ରଖି ୩ ଲକ୍ଷରୁ ଉର୍ଦ୍ଧ ଟଙ୍କା ସହ ସୁନା ଗହଣା ଲୁଟି ନେଇଥିବା ସୂଚନା ମିଳିଛି. ଘଟଣା ଘଟିବା ପରେ ପୋଲିସରେ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି. ଦୁର୍ବୃତ୍ତଙ୍କ ପତ୍ତା ମିଳୁନି । ଘଟଣାରୁ ପ୍ରକାଶ, ସହରର ମଝାତୋଟାମ୍ମା ମନ୍ଦିର ଅଞ୍ଚଳର ବିଶ୍ୱନାଥ ନଗରରେ ଦୁର୍ବୃତ୍ତମାନେ ଡେରାପକାଇ ବସିଥିବା ଆଲୋଚନା ହେଉଛି। ଏହି ଅଞ୍ଚଳରେ ବାରମ୍ବାର ଚୋରି ହେଉଛି । କିଛି ଦିନ ପୂର୍ବ ? ଦୁର୍ବୃତ୍ତ ସ୍କୁଟି ଡିକି ତାଡି ୮୦ ହଜାର ଟଙ୍କା ଲୁଟି ନେଇଥିବା ବେଳେ ଗତକାଲି ଗୁରୁବାର ସକାଳ ପ୍ରାୟ ୧୦ଘଣ୍ଟା ସମୟରେ ବାରିପଟରୁ ୪ ଜଣ ଲୁଟେରା ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଘରେ ପଶି ତାଙ୍କ ଶିଶୁ ପୁତ୍ରର ବେକରେ ଭୁଜାଲି ରଖି ତିନି ଲକ୍ଷ ଟଙ୍କା ସହ ପ୍ରାୟ ୪ ତୋଳା ସୁନା ଗହଣା ନେଇ ପଳାଇଥିବା ଘଟଣା ସାମନାକୁ ଆସିଛି।










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ୍ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ୍ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତ୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତ୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତ୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।




# ପିଲାମାନେ ଅଭିଭାବକଙ୍କ ଦ୍ୱାରା ନିର୍ଯାତିତ ନୁହଁନ୍ତି କି ?

ପ୍ରତ୍ୟେକ ଦିନ ସକାଳୁ ମୋର ପଡୋଶୀ ଶାରଦା ବାବୁ, ଆମ ଘରକୁ ଆସି ସକାଳ ଚାହା ପର୍ବରେ ଯୋଗ ଦିଅନ୍ତି ଏବଂ ଆଂଚଳିକ ତାଜା ଖବର ସବୁ ଆମ ଆଗରେ ପରିବେଷଣ କରିବା ସଙ୍ଗେ ସଙ୍ଗେ, ବିଭିନ୍ନ ସାମାଜିକ ସମସ୍ୟା ବିଷୟରେ ମଧ୍ୟ ଆଲୋଚନା କରନ୍ତି। ଗତକାଲି ସକାଳୁ ଭାରି ବ୍ୟସ୍ତ ହୋଇ କହିଲେ, ଭାଇ ଜାଣିଲେଣି ନା ? ଅଭିରାମବାବୁଙ୍କ ସାନପୁଅ ଦୁଇଦିନ ହେବ ଘରଛାଡି କେଉଁଆଡେ ପଳାଇ ଯାଇଥିଲା, ବହୁତ ଖୋଜାଖୋଜି ପରେ ତାକୁ ଜଣେ ସାଙ୍ଗ ଘରୁ ପାଇ, ଆଜି ଘରକୁ ଆଣିଛନ୍ତି। ମୁଁ ତାଙ୍କୁ ପଚାରିଲି, କ’ଣ ପାଇଁ ସେ ଘରୁ ପଳାଇଗଲା ? ସେ କହିଲେ ଗତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ, ସେ କ’ଣ ଟିକିଏ କେଉଁ ବିଷୟରେ କମ୍ ନମ୍ବର ରଖିଥିଲା। ସେଥିପାଇଁ ତା’ ବାପାଙ୍କ ନିଷ୍ଠୁର ଭର୍ତ୍ସନା ତା’ ପାଇଁ ଅସହ୍ୟ ହୋଇ ଯାଇଥିଲା। ପିଲାଟି କିନ୍ତୁ ବହୁତ ସରଳ, ଭଲ ପିଲାଟିଏ। ଯେଉଁଠି ଦେଖାହୁଏ, ଟିକିଏ ହସିଦେଇ ନମସ୍କାରଟି କରିବାକୁ ଆଦୌ ଭୁଲେନି। ଅଭିରାମବାବୁଙ୍କ ବଡ ପୁଅ ଡାକ୍ତରୀ ପଢୁଛି, ତେଣୁ ସାନ ପୁଅ ଡାକ୍ତରୀ ପଢୁ, ଏଇ ଇଚ୍ଛାକୁ ସାକାର କରିବା ପାଇଁ, ସେ ତା’ ପଛରେ ପୁରା ଲାଗି ଯାଇଛନ୍ତି। ମୁଁ କହିଲି ଦେଖନ୍ତୁ ଶାରଦାବାବୁ, ଅଭିରାମବାବୁଙ୍କ ଭାଗ୍ୟ ଭଲ, ପିଲାଟି ଆଉ କିଛି କରିନାହିଁ। ଆଜିକାଲି ପିଲାମାନଙ୍କର ଧୈର୍ଯ୍ୟ ଓ ସହନଶୀଳତା ଏତେ କମ୍ ଏବଂ ସ୍ୱାଭିମାନ ଏତେ ବେଶୀ ଯେ, ସାମାନ୍ୟ ସାମାନ୍ୟ କଥାରେ ସେମାନେ ଅସହିଷ୍ଣୁ ହୋଇ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି। ଆଉ ମୋ ମତରେ ଅଭିଭାବକମାନେ ଏଥିନିମନ୍ତେ ଶତ ପ୍ରତିଶତ ଦାୟୀ। ପ୍ରତିଯୋଗିତାମୂଳକ ଯୁଗରେ ସମସ୍ତେ ଚାହୁଁଛନ୍ତି ମୋ ପିଲା ଅନେଶୋତ କିମ୍ବା ଶତ ପ୍ରତିଶତ ନମ୍ବର ରଖୁ। ବୁଝୁନାହାନ୍ତି ପିଲାଟିର ଶକ୍ତି କେତେ। ଦଶ କିଲୋଗ୍ରାମ ବୋଝ ବହନ କରିପାରୁଥିବା ପିଲାକୁ ଯଦି ପଚାଶ କିଲୋଗ୍ରାମ ବୋଝ ବୋହିବାକୁ ବାଧ୍ୟ କରାଯିବ, ତେବେ ତାହା ପ୍ରକାରନ୍ତରେ ଏକ ମାନସିକ ନିର୍ଯାତନା ନୁହେଁ କି ? ପିଲାଟି ଦିନରୁ ପିଠିରେ ଓଜନଦାର ବସ୍ତାନୀର ବୋଝ ବୋହି, ବିଦ୍ୟାଳୟ ପାଠ ସାଙ୍ଗକୁ ଗୋଟିଏ ଦୁଇଟି ଟିଉସନ, ସାଙ୍ଗ ସାଥୀମାନଙ୍କ ସହିତ ମିଶିବାକୁ ବାରଣ, ଖେଳକୁଦ ନକରି ସର୍ବଦା ବହି ଧରି ପଢିବାର କଡା ନିର୍ଦ୍ଦେଶ ଏବଂ ସର୍ବୋପରି ଦକ୍ଷତା ଆକଳନ ନକରି ସେମାନଙ୍କଠାରୁ ଅଧିକରୁ ଅଧିକ ଫଳ ଆଶା କରିବା ଯେ କେତେ ନିଷ୍ଠୁରତା, ଆପଣ ଚିନ୍ତା କରିପାରୁଛନ୍ତି ତ ? ପଡିଶା ଘର ପିଲା ବା ତାର ସାଙ୍ଗ ସାଥୀଙ୍କ ଅଧିକ ଦକ୍ଷତା ସାଙ୍ଗରେ ତୁଳନା କରି ବାରମ୍ବାର ତାକୁ ଛୋଟ କରିଦେବା, ପିଲାଟି ସବୁ ବିଷୟରେ ଭଲ ଫଳ ପ୍ରଦର୍ଶନ କରି, ଯଦି ଗୋଟିଏ ବିଷୟରେ କମ୍ କରିଦେଇଥାଏ, ସବୁ ଭଲ ପାଇଁ ପ୍ରଶଂସା ନକରି, ଗୋଟିଏ କମ୍ ପାଇଁ କଟୁ ଭର୍ତ୍ସନା କରିବା, ପିଲାଟିର ମାନସିକତାରେ କି ପ୍ରକାର ଅନ୍ତର୍ଦାହ ସୃଷ୍ଟି କରୁଥିବ, ତାହା ବିଜ୍ଞ ଅଭିଭାବକମାନଙ୍କ ଚେତନାକୁ ସ୍ପର୍ଶ କରି ପାରୁଛି କି ? ବାପା ମାଆ, ଜେଜେବାପା ଜେଜେମା’ଙ୍କ ସ୍ନେହଶ୍ରଦ୍ଧାରୁ ବଂଚିତ କରି, ପିଲାମାନଙ୍କୁ ଆବାସିକ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ କରିବାର ନିଷ୍ଠୁର ପ୍ରବୃତି, ସେମାନଙ୍କ ମନରେ ନକାରାତ୍ମକ ଚିନ୍ତା ସୃଷ୍ଟି କରିବା ସ୍ୱାଭାବିକ। ପିଲାଙ୍କୁ ଭଲ ପାଠ ପଢାଇ, ଅଧିକ ରୋଜଗାର କରାଇବାର ମୋହରେ, ଅଭିଭାବକମାନେ ନିଶାଗ୍ରସ୍ତ। ପିଲାଟି ମନରୁ ସ୍ନେହ ଶ୍ରଦ୍ଧାର ନିର୍ଝର ଶୁଷ୍କ ହୋଇଯାଇ, ସେ ଏକ ଯାନ୍ତ୍ରିକ ମାନବରେ ପରିଣତ ହୋଇଯାଉଛି, ଏକଥା ଆମ କଳ୍ପନାରେ ସ୍ଥାନୀତ ହୋଇପାରୁନାହିଁ, ଯାହାର ସୁଦୁରପ୍ରସାରୀ କୁଫଳର ଜ୍ୱଳନ୍ତ ପ୍ରମାଣ ହେଉଛି, ଜରାଶ୍ରମରେ ଶେଷ ଜୀବନ ଯାପନ। ଏହା ନିଜ କୃତକର୍ମର ଫଳ, ନା ପିଲାମାନଙ୍କର ଦୋଷ ? ସମସ୍ତେ କହୁଛନ୍ତି, ପିଲାମାନେ ବୃଦ୍ଧ ପିତାମାତାଙ୍କୁ ଅବହେଳା ପ୍ରଦର୍ଶନ କରୁଛନ୍ତି। କିନ୍ତୁ ପ୍ରକୃତରେ ବାସ୍ତବତା କିଛି ଅଲଗା। ମୁଁ ଆପଣଙ୍କୁ ମୋର ପ୍ରାତଃ ଭ୍ରମଣ ସାଥୀ, ଶାନ୍ତନୁବାବୁଙ୍କ କଥା କହୁଛି ଶୁଣନ୍ତୁ। କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ପିଲାଙ୍କ ସଫଳତା ଅନ୍ୟମାନଙ୍କ ଆଗରେ ସଦାସର୍ବଦା ଗପି ମନେମନେ ଗର୍ବ ଅନୁଭବ କରନ୍ତି। ଶାନ୍ତନୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ। ପ୍ରତ୍ୟେକ ଦିନ ମୋ’ ଆଗରେ ଗପନ୍ତି, ବଡ ପୁଅଟି ମୋର ହୀରା, ଆମେରିକାର ଗୋଟିଏ ବଡ ଆଇଟି କମ୍ପାନୀ ମ୍ୟାନେଜର, ତା’ର କେତେ ବଡ ବଙ୍ଗଳା, କେତେ ଦାମୀ ଗାଡି, କେତେ ଅଧିକ ଦରମା ପାଉଛି, ତା’ ସ୍ତ୍ରୀ ମଧ୍ୟ ଇଞ୍ଜିନିୟର ଇତ୍ୟାଦି ଇତ୍ୟାଦି। ଆଉ ମଝିଆଁ ପୁଅଟି ମୋର ସୁନା। ଡାକ୍ତରୀ ପାଶ୍ କରୁକରୁ ବମ୍ବେର ଗୋଟିଏ ବଡ ହସପିଟାଲ୍‌ରେ ଜଏନ୍ କରି ଜବ୍ ପାଇଗଲା ଆଉ ସେଇ ହସପିଟାଲ୍‌ର ଜଣେ ଡାକ୍ତରାଣୀ ସହିତ ବିବାହ ମଧ୍ୟ ହୋଇଗଲା। ସିଏ ବି କିଛି କମ୍‌ରେ ନାହିଁ। ଏତିକି କହି ସେ ନୀରବ ହୋଇଯିବା ପରେ ମୁଁ ପଚାରେ ଆଉ ସାନ ପୁଅ କଥା କିଛି କହିଲେ ନାହିଁ ? ସେ କୁହନ୍ତି, ତା’ କଥା ମୋତେ କିଛି ପଚାରନ୍ତୁ ନାହିଁ, ସେଇଟା ମୋର କୁଳାଙ୍ଗାର ପୁଅ। ଯାହିତାହି ବି.ଏ. ଖଣ୍ଡିଏ ପାଶ୍ କରିବା ପରେ, ବଜାର ଛକରେ ତାକୁ ଗୋଟିଏ ବହି ଦୋକାନ କରି ବସାଇ ଦେଇଛି। ମୋ’ ମୁଣ୍ଡଟାକୁ ସିଏ ତଳକୁ କରିଦେଲା। କନ୍ୟା ଖୋଜି ଖୋଜି, ଗୋଟିଏ ଗରିବ ଘର ଝିଅ, ତା’ ବାପା ଟଙ୍କାଟିଏ ଯୌତୁକ ଦେଲା ନାହିଁ, ହାତରୁ ଖର୍ଚ୍ଚକରି ବାହାଘର କରି ଦେଇଛି। ଯେତେବେଳେ ଶାନ୍ତନୁବାବୁ ତାଙ୍କ ବଡ ଦୁଇ ପୁଅଙ୍କର ସଫଳତା ବଖାଣନ୍ତି, ତାଙ୍କର ଗର୍ବ ଓ ଅହଂକାରଜନିତ ଆନନ୍ଦ ବିସ୍ଫୋରିତ ହେବା ପରି ପ୍ରତୀୟମାନ ହୁଏ। ଏହିପରି କିଛିଦିନ ଗପିବା ପରେ ମୁଁ ଅନୁଭବ କଲି ତାଙ୍କ ଗପିବାର ଉତ୍ସାହରେ କିଛିଟା ଭଟ୍ଟା ପଡି ଆସୁଛି, ଉଚ୍ଛ୍ୱଳିତ ପ୍ରବାହରେ କିଛି ଗାମ୍ଭୀର୍ଯ୍ୟତା ପରିଲକ୍ଷିତ ହେଉଛି। ମୁଁ ଦିନେ ପଚାରିଦେଲି, ଭାଇ ଆଉ ପୁଅମାନଙ୍କ କଥା କ’ଣ କିଛି କହୁନାହାନ୍ତି ! ସେ କହିଲେ ନାଇଁ, ସେମାନେ ତାଙ୍କ ସଂସାର ନେଇ ଦୂରରେ ରହିଲେ, ଆମେ ତ’ ଦୁଃଖକଷ୍ଟେ ଏଇଠି ଅଛୁ। ଫୋନ କଲେ ମଧ୍ୟ ବ୍ୟସ୍ତତା ଭିତରେ ସେମାନେ ଆମ ସହିତ ଯୋଗାଯୋଗ କରିପାରୁନାହାନ୍ତି। ଖାଲି ପଇସା ପଠାଇ ଦେଉଛନ୍ତି। ଆପଣ କହିଲେ, ପଇସା କ’ଣ କଥା କହିବ ନା ଆମ ଦେହ ମୁଣ୍ଡରେ ଟିକିଏ ହାତ ମାରିଦେବ ? ତା’ପରେ ମୁଁ ପଚାରିଲି ଆଉ ସାନ ପୁଅ କଥା କ’ଣ ? ଏଇ ପ୍ରଶ୍ନରେ ତାଙ୍କ ମୁହଁର ଭାବପ୍ରବଣତା ଏବଂ ଚକ୍ଷୁ ଲୋତକପ୍ଲାବିତ ହେବାର ଅବସ୍ଥାକୁ, ସେ ମୋ’ ପାଖରେ ଲୁଚାଇବାକୁ ଚେଷ୍ଟା କରି ମଧ୍ୟ ପାରିଲେ ନାହିଁ। କୋହଭରା କଣ୍ଠରେ କହିଲେ, ଭାଇ ସେଇ କୁଳାଙ୍ଗାର ପୁଅ ପାଇଁ ଆମେ ବୁଢାବୁଢୀ ଦୁଇଜଣ, ଆଜି ପର୍ଯ୍ୟନ୍ତ ବଂଚିଛୁ। ଯେଉଁ ଗରିବ ଘର ବୋହୂଟିକୁ ମୁଁ ପ୍ରଥମେ ଟିକିଏ ହୀନଦୃଷ୍ଟିରେ ଦେଖୁଥିଲି, ସେ ଘରର ଯାବତୀୟ କାର୍ଯ୍ୟ କରି ମଧ୍ୟ, ଆମ ସେବା ଯତ୍ନରେ କାଣିଚାଏ ତ୍ରୁଟି କରୁନାହିଁ। ତାଙ୍କଠାରୁ ଏଇ ଉତରଟିକୁ ପାଇବା ପାଇଁ ମୁଁ ଅନେକ ଦିନରୁ ଅପେକ୍ଷା କରିଥିଲି। ତା’ପରେ ମୁଁ ଶାରଦାବାବୁଙ୍କୁ ପଚାରିଲି, ଭାଇ ଆମ ପାଇଁ କେଉଁ ପୁଅର ଆବଶ୍ୟକତା ବେଶୀ, ହୀରା, ସୁନା ପୁଅର ? ନା କୁଳାଙ୍ଗାର ପୁଅର ? ଶାରଦାବାବୁ କହିଲେ ଅଗ୍ନିର ଦାହିକା ଶକ୍ତି ଜାଣି ମଧ୍ୟ ପତଙ୍ଗ ତା’ ଆଡକୁ ଆକର୍ଷିତ ହେବା ପରି, ଆଜିର ଅଭିଭାବକମାନେ କୁହୁଡି ପହଁରୁଅଛନ୍ତି। ପିଲାମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରି, ବଡ ବଡ ପଦବୀରେ ଅଧିଷ୍ଠିତ କରାଇବାର ତୀବ୍ର ପ୍ରତିଯୋଗିତାରେ ଆମ୍ଭେମାନେ ଅଣନିଃଶ୍ୱାସୀ ହେବା ସଙ୍ଗେ ସଙ୍ଗେ, ପିଲାମାନଙ୍କୁ ଯେ ପରୋକ୍ଷ ଭାବରେ କିପରି ନିର୍ଯାତିତ କରୁଛୁ, ତାହା ଆମେ ଅନୁଭବ କରିପାରୁନାହୁଁ ଏବଂ ଯାହାର କୁପରିଣାମ ଆମ୍ଭମାନଙ୍କୁ ହିଁ ଭୋଗିବାକୁ ପଡୁଛି। ଆଜିକାଲି ପିଲାମାନଙ୍କୁ ଉଚ୍ଚଶିକ୍ଷା ଦେବା ସାଙ୍ଗକୁ ନୈତିକ ଶିକ୍ଷା ଏବଂ ମାନବିକତା ଧର୍ମ ଶିକ୍ଷା ପ୍ରଦାନ କରିବା ମଧ୍ୟ ଏକାନ୍ତ ଆବଶ୍ୟକ। ନିଷ୍ପତି ଆମ୍ଭମାନଙ୍କ ହାତରେ। ନା ଆପଣ କ’ଣ କହୁଛନ୍ତି କୁହନ୍ତୁନା ?

# ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ ଓ ସୁପ୍ରିମକୋର୍ଟ କଲେଜିୟମ ବ୍ୟବସ୍ଥା

ରାଷ୍ଟ୍ର ବ୍ୟବସ୍ଥାରେ ଏକ ଗଣତାନ୍ତ୍ରିକ ଦେଶର ସାମ୍ବିଧାନିକ ସ୍ୱାଧୀନ ଅଙ୍ଗଗୁଡ଼ିକ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବାର ବିଧି ରହିଛି। ବିଧାନପାଳିକା ଆଇନ ତିଆରି କରେ, କାର୍ଯ୍ୟପାଳିକା ତାହାକୁ କାର୍ଯ୍ୟକାରୀ କରେ ଏବଂ ନ୍ୟାୟପାଳିକା ସେହି ଆଇନର ବୈଧତାକୁ ତନଖି ଓ ତର୍ଜମା କରି ଏହା ସମ୍ବିଧାନ ସମର୍ଥିତ କି ନୁହେଁ, ତାହା ଦେଖେ। ଆମେ ଦେଖୁଛୁ ଯେ ଭାରତୀୟ ଗଣତନ୍ତ୍ର ଯେତେ ପାକଳ ହେଉଛି, ସେଥିରେ କାର୍ଯ୍ୟପାଳିକା ଓ ବିଧାନପାଳିକା ସେତେ ଅଧିକ ଶକ୍ତିଶାଳୀ ହେବାକୁ ଚେଷ୍ଟା କରୁଛି। ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ନିର୍ବାଚିତ ଲୋକପ୍ରତିନିଧି ଦେଶର ସାର୍ବଭୌମ ଅନୁଷ୍ଠାନରେ ଅଧିକ କ୍ଷମତାଶାଳୀ ହେବାକୁ ଚେଷ୍ଟା କରୁଛନ୍ତି। ଏହି ପ୍ରକ୍ରିୟାରେ ବେଳେ ବେଳେ ସମ୍ବିଧାନର ମୂଳ ନୀତି ଓ ଆଦର୍ଶର ଉଲ୍ଲଂଘନ ହେବା ଭଳି କାର୍ଯ୍ୟ ହେଉଛି ଏବଂ ନ୍ୟାୟପାଳିକାକୁ ଏଥିରେ ବାଧ ହୋଇ ହସ୍ତକ୍ଷେପ କରିବାକୁ ପଡୁଛି। ଆହୁରି ମଧ ଆମେ ଦେଖୁଛୁ ଯେ ଗୋଟିଏ ସମୟ ଥିଲା ଯେତେବେଳେ ନ୍ୟାୟପାଳିକାର ଅତିକ୍ରିୟା ବିଧାନପାଳିକା ଓ କାର୍ଯ୍ୟପାଳିକା ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥିଲା। ପ୍ରତ୍ୟେକ ନୂଆ ଆଇନର ନ୍ୟାୟିକ ସମୀକ୍ଷା କରିବାକୁ ସୁପ୍ରିମକୋର୍ଟ ଅଧିକୃତ ବୋଲି ଏହାର ଏକ ପାଠ ମତ ଦେଇ ଶାସନ ବ୍ୟବସ୍ଥା ଓ ଆଇନ ପ୍ରଣୟନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥିଲା। ଅବଶ୍ୟ ଆଜି ନ୍ୟାୟପାଳିକାର ସେହି ଅତିକ୍ରିୟା ବା ଜୁଡ଼ିସିଆଲ ଆକ୍ଟିଭିଜିମ୍ ଆଗ ଭଳି ନାହିଁ ତଥାପି ନ୍ୟାୟପାଳିକା ସହିତ କାର୍ଯ୍ୟପାଳିକା ଓ ବିଧାନପାଳିକାର ସମ୍ପର୍କ ଆଗଭଳି ସୁସମନ୍ୱିତ ନ ଥିବା ପରି ଜଣାପଡ଼େ।

ଯେବେଠାରୁ ଜାତୀୟ ବିଚାର ବିଭାଗୀୟ ନିଯୁକ୍ତି ଆୟୋଗକୁ ସର୍ବୋଚ୍ଚ ଅଦାଲତର ସମ୍ବିଧାନ ପାଠ ନାକଚ କରିବା ସହିତ ସମ୍ବିଧାନର ୯୯ ତମ ସଂଶୋଧନକୁ ବେଆଇନ ଘୋଷଣା କଲେ ସେବେଠାରୁ ନ୍ୟାୟପାଳିକା ବିଶେଷକରି ସୁପ୍ରିମକୋର୍ଟ ସହିତ କେନ୍ଦ୍ର ସରକାରଙ୍କର ସମ୍ପର୍କ କ୍ଷୁର୍ଣ୍ଣ ହୋଇଛି। ଆମ ମତରେ ଏନଜେଏସିର ଔଚିତ୍ୟ ସନ୍ଦେହାତୀତ ଥିଲା। କୌଣସି ଦେଶରେ ବିଚାରପତିମାନେ ନିଜେ ନୂଆ ବିଚାରପତି ନିଯୁକ୍ତ କରିବାର ବ୍ୟବସ୍ଥା ନାହିଁ। ଆହୁରି ମଧ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ କିଏ ବିଚାରପତି ହେବେ, ତାହା ସର୍ବୋଚ୍ଚ ଅଦାଲତରେ ଏକ କଲେଜିୟମ ଏକ ପାରମ୍ପରିକ ଗୋଷ୍ଠିଭିତ୍ତିକ ପ୍ରକରଣ ଚୂଡ଼ାନ୍ତ କରେ, ଯେଉଁଥିରେ କେବଳ ପାଞ୍ଚଜଣ ବରିଷ୍ଠ ବିଚାରପତି ସଭ୍ୟ ଥାଆନ୍ତି। ଏହା ଗଣତାନ୍ତ୍ରିକ ନୁହେଁ ବରଂ ସେମାନଙ୍କ ଦ୍ୱାରା ନୂତନ ବିଚାରପତି ଚୟନ ପ୍ରକ୍ରିୟା ଅସ୍ୱଚ୍ଛ ବୋଲି ଅଭିଯୋଗ ହୋଇଆସିଛି। ତେବେ ଏହି କଲେଜିୟମ ବ୍ୟବସ୍ଥା ସମ୍ବିଧାନରେ ଉଲ୍ଲେଖ ନାହିଁ। ୧୯୯୩ରେ ସେକେଣ୍ଡ ଜଜ୍ ମାମଲାରେ ସୁପ୍ରିମକୋର୍ଟର ୯ଜଣିଆ ଖଣ୍ଡପୀଠ ଦ୍ୱାରା ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଏହି ନୂତନ ପ୍ରକ୍ରିୟା ହେଲା ସୁପ୍ରିମକୋର୍ଟର ପାଞ୍ଚଜଣ ବରିଷ୍ଠ ବିଚାରପତି ମୁଖ୍ୟ ବିଚାରପତିଙ୍କ ନେତୃତ୍ୱରେ ହାଇକୋର୍ଟ ଓ ସୁପ୍ରିମକୋର୍ଟର ନୂତନ ବିଚାରପତି ନିଯୁକ୍ତି ପାଇଁ ନାମ ଚୟନ କରିବେ ଏବଂ କେନ୍ଦ୍ର ସରକାରଙ୍କୁ ନିଯୁକ୍ତି ସୁପାରିଶ କରିବେ। ଏହାପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଆବଶ୍ୟକୀୟ ପ୍ରଶାସନିକ ତନଖି କରି ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପତ୍ର ବିଜ୍ଞପିତ କରିବେ। ପରେ ଏହା ଏକ ବାଧ୍ୟତାମୂଳକ ପରମ୍ପରାରେ ପରିଣତ ହେଲା ଏବଂ କଲେଜିୟମର ସୁପାରିଶକୁ କେନ୍ଦ୍ର ସରକାର କେବଳ ମାତ୍ର ଔପଚାରିକ ଅନୁମୋଦନ କରିପାରୁଥିଲେ। ବିଚାରପତି ମନୋନୟନ ପ୍ରକ୍ରିୟା ଗୁପ୍ତ ରହିବାରୁ ଅନେକ ଯୋଗ୍ୟ ପ୍ରାର୍ଥୀ ଏଥିରୁ ବାଦ ପଡୁଥିଲେ। ତେଣୁ ସରକାର ସର୍ବଦଳୀୟ ସହମତିରେ ଏନଜେଏସିର ପରିକଳ୍ପନା କରି ବିଚାରପତି ନିଯୁକ୍ତିକୁ ସ୍ୱଚ୍ଛ ଯୋଗ୍ୟତାଭିତ୍ତିକ ଏବଂ ପ୍ରିୟାପ୍ରୀତି ତୋଷଣରୁ ମୁକ୍ତ କରିବାକୁ ଉଦ୍ୟମ କରିଥିଲେ। ଦେଶର ପାର୍ଲାମେଣ୍ଟ ସମେତ ୨୧ଟି ରାଜ୍ୟ ବିଧାନସଭା ଏ ସଂକ୍ରାନ୍ତ ପ୍ରସ୍ତାବ ଓ ସମ୍ବିଧାନ ସଂଶୋଧନ ବିଧେୟକକୁ ଅନୁମୋଦନ କରିବା ସତ୍ତ୍ୱେ ୩–୨ ଭୋଟ ଆଧାରରେ ସୁପ୍ରିମକୋର୍ଟର ସମ୍ବିଧାନ ବେଞ୍ଚ ଏହାକୁ ୨୦୧୫ରେ ରଦ୍ଦ କରିଦେଲା। କୁହାଗଲା ଯେ ଏହାଦ୍ୱାରା ସମ୍ବିଧାନର ମୌଳିକ ଢ଼ାଞ୍ଚା ପ୍ରଭାବିତ ହେବ। ତା’ପରଠାରୁ କଲେଜିୟମ ଓ ସରକାରଙ୍କ ମଧ୍ୟରେ ବଳ କଷାକଷି ଚାଲିଛି। କଲେଜିୟମ ସୁପାରିଶକୁ ସରକାର ଜାଣିଶୁଣି ବିଳମ୍ବ କରୁଛନ୍ତି କିମ୍ବା ମନୋନୀତ ନାମ ଉପରେ ଆପତ୍ତି ଉଠାଇ ତାହାକୁ ପକାଇ ରଖୁଛନ୍ତି। ଏହାଫଳରେ ବିଚାରପତି ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି ଏବଂ ଲୋକେ ନ୍ୟାୟ ପାଇବାରେ ଅସୁବିଧା ଭୋଗୁଛନ୍ତି।

ନିକଟରେ ଅବସର ନେଇଥିବା ପ୍ରଧାନ ନ୍ୟାୟାଧୀଶ ୟୁୟୁ ଲଳିତ ତାଙ୍କ ସ୍ୱଳ୍ପଦିନର କାର୍ଯ୍ୟକାଳ ମଧ୍ୟରେ କେତେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ ମଧ କଲେଜିୟମ ବ୍ୟବସ୍ଥାରେ ଥିବା ଦୁର୍ବଳତା ପଦାରେ ପଡ଼ିଥିଲା। ସୁପ୍ରିମକୋର୍ଟର ନୂଆ ବିଚାରପତିଙ୍କ ନାମ ଚୂଡ଼ାନ୍ତ ପାଇଁ ସେ ଯେଉଁ ବିଜ୍ଞପ୍ତି ମାଧ୍ୟମରେ କଲେଜିୟମର ସଦସ୍ୟମାନଙ୍କୁ ଅବଗତ କରାଇଥିଲେ, ତାହାକୁ ପଦ୍ଧତିଗତ ଅସଂଗତି ଦର୍ଶାଇ ବର୍ତ୍ତମାନର ପ୍ରଧାନ ବିଚାରପତିଙ୍କ ସମେତ ଦୁଇଜଣ ବୈଠକରେ ଯୋଗ ଦେଇନଥିଲେ। ଫଳରେ କାହାର ନାମ ସୁପାରିଶ କରାଯାଇପାରି ନ ଥିଲା। ପାଞ୍ଚଜଣ କଲେଜିୟମ ସଭ୍ୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରୁ ନ ଥିବାବେଳେ ଏମାନଙ୍କଠାରୁ ଯୋଗ୍ୟ ବିଚାରପତି ନିଯୁକ୍ତି ଆଶା କରିବା ବୃଥା ବୋଲି ଅନେକ ଆଇନଜୀବୀ ମତ ଦେଇଥିଲେ। ଏନଜେଏସି ଏବେ ଇତିହାସ ପାଲଟି ଯାଇଥିବାବେଳେ ଏହା ଉପରେ ଆଲୋଚନାର କି ଯଥାର୍ଥତା ରହିଛି ? ଏଇ ଭାରତରେ ବେଳେବେଳେ ବିଚିତ୍ର ଘଟଣା ସବୁ ଘଟେ, ଯାହା ଅତୀତକୁ ଖୋଜି ସେଥିରୁ କିଛି ଅର୍ଥ ବାହାର କରେ। ଏବେ ସେଭଳି ଘଟଣା ଘଟିଛି। ଏକ ରିଟ୍ ଆବେଦନର ବିଚାର କରି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ସୁପ୍ରିମକୋର୍ଟ ଓ ହାଇକୋର୍ଟରେ ବିଚାରପତି ନିଯୁକ୍ତି ସଂକ୍ରାନ୍ତ ମାମଲାର ପୁନର୍ବିଚାର ଏବଂ ଏନଜେଏସିକ ପୁନଃ ବାହାଲ କରିବା ଆବେଦନର ଶୁଣାଣି କରିବାକୁ ସବୁଜ ସଂକେତ ଦେଇଛନ୍ତି। ସମ୍ବିଧାନର ୯୯ତମ ସଂଶୋଧନକୁ ରଦ୍ଦ କରି ୨୦୧୫ରେ ଜନତା ଇଚ୍ଛାକୁ ସର୍ବୋଚ୍ଚ ଅଦାଲତ ଖାରଜ କରି ଦେଇଥିଲେ ବୋଲି ଆବେଦନକାରୀ ଆଡ଼ଭୋକେଟ ମାଥ୍ୟୁ ଜେ ନେଦୁମପରା ଦର୍ଶାଇଛନ୍ତି। ତେଣୁ ଏହାର ପୁନର୍ବିଚାର କରି ସେ ଜୁଡ଼ିସିଆଲ ନିଯୁକ୍ତି କମିଶନକୁ ପୁନଃବାହାଲ କରିବାକୁ ପ୍ରାର୍ଥନା କରିଛନ୍ତି। ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ନୂତନ ବିଚାରପତିମାନଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ଏକ ଉତ୍ତମ, ପୂର୍ଣ୍ଣାଙ୍ଗ ଓ ସ୍ୱଚ୍ଛ ବ୍ୟବସ୍ଥା ରହିବା ଆବଶ୍ୟକ। ଏଥିରେ ଉଭୟ ସୁପ୍ରିମକୋର୍ଟର କଲେଜିୟମ ଓ କେନ୍ଦ୍ର ସରକାରଙ୍କର ସମାନ କ୍ଷମତା ରହିବା ଆବଶ୍ୟକ। କୌଣସି ନିର୍ଦ୍ଦିଷ୍ଟ ସାମ୍ବିଧାନିକ ବ୍ୟବସ୍ଥାର ଅନୁପସ୍ଥିତିରେ ସୁପ୍ରିମକୋର୍ଟ କଲେଜିୟମ ପ୍ରକ୍ରିୟା ନୂତନ ବିଚାରପତି ଚୟନ ପାଇଁ ଆରମ୍ଭ କରାଯାଇଥିଲା। ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ ଗଠନ ପାଇଁ ସମ୍ବିଧାନ ସଂଶୋଧନ ରାଷ୍ଟ୍ରୀୟ ସହମତି ଉପରେ ଆଧାରିତ ଥିଲା। ଏବେ ଏହି ନୂତନ ରିଟ ଶୁଣାଣି ମାଧ୍ୟମରେ ଉଚ୍ଚତମ ଅଦାଲତ ନିଜର ପୂର୍ବ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଗ୍ରହଣ କରିବା ନିଶ୍ଚିତ ସ୍ୱାଗତଯୋଗ୍ୟ।

## ଭାରତ ସରକାରଙ୍କ ଦ୍ୱାରା ଷ୍ଟେଟ ବ୍ୟାଙ୍କ ଡିଜିଟାଲ ଲାଇଫ ସାର୍ଟିଫିକେଟ ସମ୍ପିସନ କ୍ୟାମ୍ପ

କଟକ (ପିଏନ୍): କେନ୍ଦ୍ର ସରକାର ପେନସନଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଓ ସେମାନଙ୍କର ହାତପାଆନ୍ତାରେ ବ୍ୟାଙ୍କ ସେବା ସୁବିଧା ବ୍ୟାପକ ଉପଲବ୍ଧ କରୁଛନ୍ତି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାରେ ଭାରତ ସରକାରଙ୍କ ଦ୍ୱାରା ପେନସନଭୋଗୀଙ୍କ ପାଇଁ ଡିଜିଟାଲ ଲାଇଫ ସାର୍ଟିଫିକେଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପେନସନ ଓ ପେନସନ ୱେଲଫେୟାର ବିଭାଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ବିଶାଳ କୁମାର, ଏଏସ୍‌ଓ ଅଂଶୁଳ ଶର୍ମା, ଇଓ୍ୱାଇଡିଆଇ (ଆଧାର)ର ଡେପୁଟି ଡାଇରେକ୍ଟର ଟି. ଚୈତନ୍ୟ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ସର୍ବବୃହତ୍ ଯୋଜନା ପେନସନ ଭୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ବୋଲି ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ପେନସନଭୋଗୀମାନେ ଜୀବନ ପ୍ରମାଣ ପତ୍ର ପୈଠ କରିପାରିବେ ଯାହାଦ୍ୱାରା ସେମାନଙ୍କୁ ବ୍ୟାଙ୍କକୁ ଆସି ସେମାନଙ୍କର ମୂଲ୍ୟବାନ ସମୟର ଅପବ୍ୟୟ କରିବାକୁ ପଡ଼ିବନି। ଏହି ଅବସରରେ ଶତାଧିକ ପେନସନଭୋଗୀ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପୈଠ କରିଥିଲେ। କାର୍ଯ୍ୟକ୍ରମକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାର ଉପମହାପ୍ରବନ୍ଧକ ସନ୍ତୋଷ କୁମାର ବେହେରା, ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକରୁ ଉର୍ଦ୍ଧ୍ୱ ଗ୍ରାହକ, ପେନସନଭୋଗୀ, ଅର୍ଥନୀତି ବିଶାରଦ, ପୂର୍ବତନ ବ୍ୟାଙ୍କ କର୍ମକର୍ତ୍ତା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ।

## ନାକଚେଣୀ ପୀଠରେ ଅଖଣ୍ଡ ନାମଯଜ୍ଞ ଓ ପଞ୍ଚଶଖା ଯଜ୍ଞ

କଟକ (ପିଏନ୍): ସ୍ଥାନୀୟ ବାଲିକୁଦା ଅନ୍ତର୍ଗତ ଅଚ୍ୟୁତପୁରର ନାକଚେଣୀ ପୀଠରେ ଅଖଣ୍ଡ ନାମଯଜ୍ଞ ଓ ପଞ୍ଚଶଖା ଯଜ୍ଞ ତ୍ରିଦିବସ ବ୍ୟାପୀ ଆଧ୍ୟାତ୍ମିକ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ନାମଯଜ୍ଞ କଳସ ଅଧିବାସ, ସୂର୍ଯ୍ୟପୂଜା, ଗ୍ରାମଦେବତୀ ପୂଜା ଓ ଅହୋରାତ୍ର ଅଖଣ୍ଡ ନାମ ସଂକୀର୍ତ୍ତନ ସହ ପ୍ରସାଦ ସେବନର ବ୍ୟବସ୍ଥା ରହିଥିଲା। କାର୍ଯ୍ୟକ୍ରମକୁ ପ୍ରମୋଦ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ସୁଶିଆ ସ୍ୱାଇଁ, ସୁକାନ୍ତ ଦାସ, ବିପିନ ଓଝା, ସନତ କୁମାର ଓଝା, ଆଲୋକ କୁମାର ଓଝା, କାଳନ୍ଦୀ ଲେଙ୍କା, ସୋନୁ ଲେଙ୍କା, ଚନ୍ଦନ ସ୍ୱାଇଁ, ବସନ୍ତ ନାୟକ, କୈଳାସ ନାୟକ, ଦିଲ୍ଲୀପ ଦାସ, ସୁଜନା ଦାସ ପ୍ରମୁଖ ପରିଚାଳନା କରିଥିଲା। ଦଶ ମଣ୍ଡଳ ନାମ ସଂକୀର୍ତ୍ତନ ଗୋଷ୍ଠୀ ଯୋଗ ଦେଇଥିବାବେଳେ ଦୁଇ ହଜାରରୁ ଉର୍ଦ୍ଧ୍ୱ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କ ଉଦ୍‌ଯାପନୀ ଦିବସରେ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ଏହି ଅବସରରେ କଟକ ଧବଳେଶ୍ୱର ଗଡ଼ାର ଭାଗବତ ଗାଦି, ଗାଦିବ୍ରହ୍ମ ଓ ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ସମାଜସେବୀ ତ୍ରିନାଥ ଓଝା ଓ ମହିଳା ଶାଖାର ସଭାନେତ୍ରୀ ହେନାରାଣୀ ଓଝା ସମବେତ ଭକ୍ତ ମଣ୍ଡଳୀ ଓ ଓଡ଼ିଶାବାସୀଙ୍କ ଆଧ୍ୟାତ୍ମିକ ଜାଗରଣ ପାଇଁ ପ୍ରାର୍ଥନା ପୂର୍ବକ କୃତଜ୍ଞତା ଜ୍ଞାପନ କରିଥିଲେ।

## ଭୋଟର ସଚେତନତା ରଥର ଶୁଭାରମ୍ଭ


ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲାପାଳଙ୍କ ପରିସରରୁ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସୁଚାରୁ ବଳ ଏହି ରଥର ଶୁଭାରମ୍ଭ କରିଥିବା ବେଳେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ସହକାରୀ ଜିଲ୍ଲାପାଳ ଶ୍ରୀମତୀ ସ୍ୱାଗତୀକା ଦାସ, ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଏକ ସୁସ୍ଥ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିବା ନିମନ୍ତେ ଭୋଟର ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ କରିବା ପାଇଁ ମଧ ଭୋଟର ମାନଙ୍କୁ ଏହି ଅବସରରେ ଆହୁରି ସଚେତନ କରାଯିବ। ୧୮ ବର୍ଷ ହେବା କ୍ଷଣି ଆବେଦନକାରୀର ନାମ ଭୋଟର ତାଲିକାରେ ଦରଜ ହେବ ଏବଂ ତା’ ନାମରେ ଭୋଟର ପରିଚୟ ପତ୍ର ଜାରି କରାଯିବ। ଏହିପରି ଭାବରେ ନୂତନ ଭୋଟର ଭାବେ ପରିଗଣିତ ହେବା ପାଇଁ ଏକବର୍ଷ ମଧ୍ୟରେ ଚାରିଥର ସୁଯୋଗ ମିଳିବ। ଆବେଦନ କରିବା ନିମନ୍ତେ ବ୍ୟକ୍ତିବିଶେଷ ଭୋଟରେ ହେଲ୍ପଲାଇନ ଆପ କିମ୍ବା nvsp.in ବା voterportal.eci.gov.in ବ୍ୟବହାର କରିପାରିବେ ଅଥବା ବୁଥ ସ୍ତରୀୟ ଅଧିକାରୀଙ୍କ ସହାୟତାରେ ନିଜକୁ ଜଣେ ଭୋଟର ଭାବରେ ପଞ୍ଜୀକୃତ କରିବା ପାଇଁ ଆବେଦନ କରିପାରିବେ।

## ଓଏମ୍‌ସି ଏମ୍‌ଡିଙ୍କ ସହ ଆଦିତ୍ୟ ଆଲୁମିନା ବିକାଶ ପରିଷଦ ସଭାପତିଙ୍କ ଆଲୋଚନା




ଭୁବନେଶ୍ୱର (ପିଏନ୍): ଗତ ୬ ତାରିଖ ପୂର୍ବାହ୍ନରେ ଓଡ଼ିଶା ଖଣି ନିଗମ କାର୍ଯ୍ୟାଳୟରେ ଆଦିତ୍ୟ ଆଲୁମିନା ଶିଳ୍ପ ପ୍ରତିଷ୍ଠା ଜମି ହରାଇଥିବା କଂସାରୀଗୁଡା ଗ୍ରାମବାସୀଙ୍କ ତରଫରୁ ଆଦିତ୍ୟ ଆଲୁମିନା ବିକାଶ ପରିଷଦର ସଭାପତି ଦୌଲ ଚୌଧୁରୀ ଏବଂ ଆର.ପି.ଡି.ଏସ୍.ସି.ର ସଦସ୍ୟ ରାଜେନ୍ଦ୍ର ଦୁରିଆ ଓ ଅନ୍ୟାନ୍ୟ ପାଞ୍ଚ ଜଣ ଜମିହରା ଆଦିବାସୀ ନେତାମାନେ ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ବଳବନ୍ତ ସିଂହଙ୍କ ସହ ଆଦିତ୍ୟ ଆଲୁମିନା ଶିଳ୍ପ ପାଇଁ ସମସ୍ୟା ହେଉଥିବା ବକ୍ସାଇଟ୍ ଖଣି ଦେବା ସମ୍ପର୍କରେ ଆଲୋଚନା କରିଥିଲେ। କଂସାରୀଗୁଡାଠାରୁ ଶହ ଶହ ଜମିହରା ଓ ବାସହରା ତଥା ବିସ୍ଥାପିତ ହୋଇଥିବା ଗ୍ରାମବାସୀମାନେ ଏକାଠି ହୋଇ ଖଣି ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ଭେଟି ନିଜର ସମସ୍ୟା ପାଇଁ ଗୁହାରି କରିବା ପାଇଁ ଅନୁମତି ମାଗିଥିଲେ। କିନ୍ତୁ ମାତ୍ର ୭ ଜଣଙ୍କୁ ଅନୁମତି ମିଳିଥିଲା। ଆଲୋଚନାରେ ଖଣି ନିଗମ ଅଧକ୍ଷ ଶ୍ରୀ ବଳବନ୍ତ ସିଂହ ଖଣି ଯୋଗାଇବାରେ କୌଣସି ଅସୁବିଧା ନାହିଁ। କମ୍ପାନୀ ପ୍ରଥମେ କାମ ଆରମ୍ଭ କରୁ, ସବୁ ଠିକ୍ ହୋଇଯିବ। ସରକାରଙ୍କୁ କୁହନ୍ତୁ ପ୍ରଥମେ ଆଦିତ୍ୟ ଆଲୁମିନା କର୍ତ୍ତୃପକ୍ଷ ରାସ୍ତାଘାଟ ଭଳି ଆନୁସଙ୍ଗିକ ଭିତ୍ତିଭୂମି ପ୍ରସ୍ତୁତ କରି କାମ ଆରମ୍ଭ କରୁ। ଖଣି ନିଶ୍ଚୟ ମିଳିବ ଏବଂ ସବୁ ସମସ୍ୟା ଆଲୋଚନା ମାଧ୍ୟମରେ ସଫଳ ହେଲା ବୋଲି କହିଛନ୍ତି ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀ ଦୌଲ ଚୌଧୁରୀ। ଅନ୍ୟପଟେ କମ୍ପାନୀ ଶୀଘ୍ର ପ୍ରତିଷ୍ଠା ହେଉ, ନଚେତ୍ ଆମ ଜମି ଫେରାଇଦେଉ ବୋଲି ଜମି ହରାଇଥିବା ଗ୍ରାମବାସୀମାନେ ଜିଦ୍ ଧରି ବସିଛନ୍ତି। ଆଉଥରେ ଟିକିରି ଓ କଂସାରୀଗୁଡାଠାରେ ଜମିହରା ଗ୍ରାମବାସୀମାନେ ସରକାରଙ୍କୁ ନିବେଦନ କରିଛନ୍ତି ଯେ, ଆଦିତ୍ୟ ଆଲୁମିନା ଶିଳ୍ପ ଶୀଘ୍ର ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ, ନଚେତ୍ ଆଦିତ୍ୟ ଆଲୁମିନା ଯେଉଁ ଜମି ନେଇଛି, ତା’ଠାରୁ ଜମି ଫେରାଇ ଆଣି ଗ୍ରାମବାସୀଙ୍କୁ ଦେଇଦିଅନ୍ତୁ ବୋଲି ଦୃଢ ଦାବି କରିଛନ୍ତି ଆର.ପି.ଡି.ଏସ୍.ସି. ସଦସ୍ୟ ରାଜେନ୍ଦ୍ର ଦୂରିଆ । ସରକାର ଯଦି ଆମ ଗୁହାରି ନ ଶୁଣନ୍ତି ଆମ ଦାବି ପୂରଣ ନ କରନ୍ତି ତେବେ ଆମେସବୁ ଜମିହରା, ବାସହରା ପରିବାର ଓ ପିଲାଛୁଆ ସବୁ ମିଶି ସିଙ୍ଗାରାମ ରେଳ ଷ୍ଟେସନକୁ ସମ୍ପୂର୍ଣ୍ଣ ବନ୍ଦ କରି ଗାଡ଼ି ଚଳାଚଳ ଠପ୍ କରିଦେବୁ, କୋଡିଙ୍ଗାମାଳି ବକ୍ସାଇଟ୍ ଖଣିକୁ ବନ୍ଦ କରିଦେବୁ ଏବଂ ରାଜଧାନୀ ଆସି ହଜାର ହଜାର ସଂଖ୍ୟାରେ ଆଦିତ୍ୟ ଆଲୁମିନା ଦ୍ୱାରା ଜମି ଓ ବାସ ହରାଇଥିବା ଗ୍ରାମବାସୀମାନେ ନବୀନ ନିବାସ ସମ୍ମୁଖରେ ଧାରଣା ଦେବୁ ବୋଲି ଶ୍ରୀ ଦୌଲତ ଚୌଧୁରୀ ଚେତାବନୀ ଦେଇଛନ୍ତି।

## ସ୍ଲାବ୍ ଖସି ନାବାଳିକା ମୃତ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ସୁନ୍ଦୁରିଆ ପଂଚାୟତ ଫତେପୁର ଗ୍ରାମର ଜିତନ ଗେଡ଼ିଙ୍କ ଝିଅ ମିନୁ (୧୦) ମଙ୍ଗଳବାର ଅପରାହ୍ଣରେ ଘର ଝରକାରେ ଲାଗିଥିବା ସ୍ଲାବ୍‌ରେ ଓହଳୁଥିଲା। ତେବେ ସ୍ଲାବ୍‌ଟି ହଠାତ୍ ଖସି ପଡ଼ିବାରୁ ସ୍ଲାବ୍ ସହ ମିନୁ ତଳେ ପଡ଼ିଯାଇଥିଲା। ସ୍ଲାବ୍‌ଟି ମିନୁ ଉପରେ ପଡ଼ିଯିବାରୁ ତାର ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା । ପରିବାର ଲୋକେ ମିନୁକୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ୍ ମୃତଦେହକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ କରୁଛି । ମୃତା ମିନୁ ତରାପୁର ସ୍କୁଲର ଚତୁର୍ଥ ଶ୍ରେଣୀରେ ପଢୁଥିଲା।

## ପିସିସି ପକ୍ଷରୁ ଡ. ଆମ୍ବେଦକରଙ୍କ ଶ୍ରାଦ୍ଧ ଦିବସ ପାଳିତ




ଭୁବନେଶ୍ୱର (ପିଏନ୍)-ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଭାରତୀୟ ସମ୍ବିଧାନର ସ୍ରଷ୍ଟା, ଦଳିତ, ଆଦିବାସୀ, ପଛୁଆବର୍ଗ, ଅନଗ୍ରସର ଶ୍ରେଣୀ, ଉପେକ୍ଷିତ, ଲୁଣ୍ଠିତ, ପତିତ ଓ ପୀଡ଼ିତର ତ୍ରାଣକର୍ତ୍ତା ତଥା ଯୁଗ ସ୍ରଷ୍ଟା ଭାରତ ରତ୍ନ ଡ. ବି.ଆର. ଆମ୍ବେଦକରଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ଏଜି ଛକ ସ୍ଥିତ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନଠାରେ ପିସିସି ପକ୍ଷରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜୟଦେବ ଜେନା, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସନ୍ଧ୍ୟା ମହାପାତ୍ର, ମନୋରଂଜନ ଦାଶ, ହଳଧର ସେଠୀ, ପ୍ରକାଶ ମିଶ୍ର, କନକଲତା ମଲ୍ଲିକ, ଲିଙ୍ଗରାଜ ସାହୁ, ସଂଜୟ ମିଶ୍ର, ମିହିର ଆଚାର୍ଯ୍ୟ, ସୁଧାଂଶୁ ମହାନ୍ତି, ରାଜକିଶୋର ବାରିକ, ଉମେଶ ସ୍ୱାଇଁ, ମନୋରଂଜନ ରାଉତରାୟ, ସୁବାଷ ପ୍ରଧାନ, ତାପସ ସେଠୀ, ଦେବେନ୍ଦ୍ର ପ୍ରସାଦ ଦାସ, ବାପି ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ରୋଗୀସେବା ପାଇଁ ଉତ୍ସର୍ଗ ଥିଲା ଡାକ୍ତର ରାଜକିଶୋର ସାହୁଙ୍କ ପ୍ରାଣ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ବିଧାନସଭାର ଭୂତପୂର୍ବ ଚିକିତ୍ସା ଅଧିକାରୀ ଡାକ୍ତର ରାଜକିଶୋର ସାହୁଙ୍କର ପ୍ରାଣ ରୋଗୀସେବା ପାଇଁ ସମର୍ପିତ ଥିଲା ଏବଂ ଜୀବନରେ ବହୁ ଅର୍ଥ ଉପାର୍ଜନ କରିଥିଲେ ମଧ ତାଙ୍କର ଆୟର ବହୁଳ ଭାଗ ଲୋକଙ୍କ ଅଗୋଚରରେ ଜନସେବାରେ ବ୍ୟୟ କରିଥିଲେ ବୋଲି ରାଜକିଶୋର ସାହୁ ସ୍ମୃତିସଭାରେ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଭାରତୀୟ ସେନାର ଡାକ୍ତର ଓ ଯୁଦ୍ଧ ଶେଷ ବେଳକୁ ରେଡକ୍ରସ୍ ଡାକ୍ତର ଭାବେ ଆହତ ଜବାନମାନଙ୍କ ସେବାରେ ନିୟୋଜିତ ଥିଲେ। ପାକିସ୍ତାନ ସେନାର ଆତ୍ମସମର୍ପଣ ଓ ବାଂଲାଦେଶ ଜନ୍ମ ବେଳେ ସୁଦୂର ସୀମାନ୍ତ ମଣିପୁର, ନାଗାଲାଣ୍ଡରେ କର୍ମରତ ଥିଲେ। ପେଷାଗତ ଭାବେ ଡାକ୍ତର ଥିଲେ ମଧ ନିଶାରେ ଚାଷୀ ପାଲଟି ଯାଇଥିଲେ ଓ ଚଣ୍ଡୀଖୋଲାସ୍ଥ ଛତିଆ ପାଖରେ ନିଜର ଫାର୍ମ ପ୍ରତିଷ୍ଠା କରିଛନ୍ତି । ଯୁଦ୍ଧର ଦଶବର୍ଷ ପରେ କଳାହାଣ୍ଡିର କେସିଙ୍ଗା, ନୟାଗଡ଼ ଓ ବାଙ୍କୀ ଉପଖଣ୍ଡ ଡାକ୍ତରଖାନା, କ୍ୟାପିଟାଲ୍ ହସ୍ପିଟାଲ୍ ଓ ବିଧାନସଭାର ମେଡିକାଲ୍ ଅଫିସର ଭାବେ ଦାୟିତ୍ୱ ନିଭାଇଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ମାର୍କେଟ୍ ବିଲଡିଙ୍ଗ୍, ପୁରୁଣା ବସ୍‌ଷ୍ଟାଣ୍ଡ, ଦୁଇ ନମ୍ବର ଉଠା ବ୍ୟବସାୟୀଙ୍କ ସମେତ ଗରିବ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ସେବା ପ୍ରଦାନ କରୁଥିଲେ। ବାଲ୍ୟବନ୍ଧୁ ଡକ୍ଟର ପୂର୍ଣ୍ଣଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଚିର ଅବିବାହିତ ଡକ୍ଟର ସାହୁଙ୍କର ମାନସପୁତ୍ର ଜୀବନ ରଂଜନ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ସଚେତକ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ମହାନ୍ତି, ବନ୍ଧୁ ତଥା ଚିନ୍ତା ଓ ଚେତନାର ସମ୍ପାଦକ ସୁରେନ୍ଦ୍ର ଦାସ, ଆଇନଜୀବୀ ବନବିହାରୀ ମହାନ୍ତି, ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ ଚିତ୍ତରଂଜନ ପତି, ମହେଶ୍ୱର ମିଶ୍ର, ପ୍ରିୟବ୍ରତ କର, ଅଶୋକ ସାହୁ, ଶିଶିର ମହାପାତ୍ର, ପ୍ରମୋଦ ସାମନ୍ତରାୟ, ଦୀପକ ମୋଦି, ପରମେଶ୍ୱର ପଟ୍ଟନାୟକ, ଓମ୍‌ପ୍ରକାଶ ଶାହା, ନିରଞ୍ଜନ ସାହୁ, ଦିବ୍ୟଲୋକ ପଟ୍ଟନାୟକ, ମଧୁମିତା ନାଥ, ଯଶୋବନ୍ତ ପଟ୍ଟନାୟକ, ନାରାୟଣ ସାହୁ, ଶିଳାଭଦ୍ର ଶାସ୍ତ୍ରୀ, ପାର୍ଥ ପଟ୍ଟନାୟକ, ମନୋରଂଜନ ସ୍ୱାଇଁ, ରବି ବାରିକ, ସୁରେଶ ମହାରଣା, ପୁତୁରା ଶେଖର, ସାଗର, ଦେବାଶିଷ, ଭଣଜା ଦେବୀପ୍ରସାଦ ପୃଷ୍ଟି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜୀବନରଂଜନ ସ୍ୱାଇଁ ପରିଚାଳନା କରିଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ଏମ୍.ପି. ବାଳଗୋପାଳ ମିଶ୍ର ପ୍ରମୁଖ ଶୋକବାର୍ତ୍ତା ପଠାଇଥିଲେ।




**ଭୁବନେଶ୍ୱର, ୨୦୨୪, ଜୁନ ୧**

# ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାରେ ଗଣଶିକ୍ଷା ବିଭାଗ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଓଡ଼ିଶାରେ ପିଲାମାନଙ୍କ ପାଠପଢ଼ା ସହ ବିଦ୍ୟାଳୟରେ ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଯତ୍ନ ପାଇଁ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏବେ ଗ୍ରୀଷ୍ମ ଦିନ ଚାଲିଥିବାରୁ ଚାରିଆଡ଼େ ତୀବ୍ର ଖରାର ପ୍ରକୋପ, ବିଦ୍ୟାଳୟ ଛୁଟି ରହିଥିଲେ ମଧ୍ୟ ଆଗାମୀ ସମୟକୁ ଦୃଷ୍ଟିରେ ରଖି ସରକାର ବିଦ୍ୟାଳୟ ପରିସରରେ ପିଲାମାନଙ୍କ ସାମଗ୍ରୀକ ସ୍ୱାସ୍ଥ୍ୟ ଯତ୍ନର ଏକ ବିଧିବଦ୍ଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ପୂର୍ବରୁ ପିଲାମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ ସହ, ସ୍ୱାସ୍ଥ୍ୟ ସହାୟତା ଓ ଅନ୍ୟାନ୍ୟ ଆନୁସଙ୍ଗିକ ସହଯୋଗ ମଧ୍ୟ ପ୍ରଦାନ କରୁଛନ୍ତି। ଆଜିର ଶିଶୁମାନେ ହେଉଛନ୍ତି ଆଗାମୀ କାଲିର ଭବିଷ୍ୟତ। ସେମାନଙ୍କୁ ଏକ ଦୃଢ଼ ସମର୍ଥ ସମାଜ ସହ ସମକକ୍ଷ କରିବା ପାଇଁ ସରକାରଙ୍କ ଅନେକ ଯୋଜନା ଭିତରୁ ବର୍ତ୍ତମାନର କାର୍ଯ୍ୟକ୍ରମ ଏକ ବିଶେଷ ଯୋଜନା ଭାବେ ପରିଗଣିତ। ପାଠପଢ଼ା ସହ ସ୍କୁଲ ସମୟରେ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ। ଜରୁରୀକାଳୀନ ସମୟରେ ବିପଦକୁ ଏଡ଼ାଇବା ପାଇଁ ନିଆଯିବ ପଦକ୍ଷେପ। ସ୍କୁଲରେ ରହିବ ସ୍ୱାସ୍ଥ୍ୟ ପଞ୍ଜୀକରଣ ଖାତା। ପିଲାଙ୍କୁ ସ୍କୁଲ ଡାଏରୀରେ ମଧ୍ୟ ଗୋଟିଏ ଫେଜର ସ୍ୱାସ୍ଥ୍ୟ ସମ୍ପର୍କିତ ରେକର୍ଡ଼କୁ ଉଲ୍ଲେଖ ରଖାଯିବ। ଫାଷ୍ଟଏଡ ବକ୍ସ ରହିବ। ନିୟମିତ ଭାବେ ଔଷଧକୁ ବଦଳାଯିବ। ଏଥିସହ ଜ୍ୱର ମାପିବା ପାଇଁ ରହିବ ଡିଜିଟାଲ ଥର୍ମୋମିଟର। ସାନିଟାଇଜର ଓ ହ୍ୟାଣ୍ଡ ୱାସ। ସ୍କୁଲ ସୁରକ୍ଷା ସପ୍ତାହ ଅବସରରେ ଚଳିତ ବର୍ଷ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ନେଇଛି। ଆଗରୁ ସ୍କୁଲ ସୁରକ୍ଷା ଦିବସକୁ ଏତେ ପ୍ରାଧାନ୍ୟ ଦେଉନଥିବା ବେଳେ ଚଳିତ ବର୍ଷ ଜୁନ ୧୯ରୁ ୨୫ ତାରିଖ ମଧ୍ୟରେ ୫ଦିନ ଧରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ।

ସମସ୍ତ ସରକାରୀ ସ୍କୁଲର ପିଲାଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ନେଇ ତତ୍ପର ହୋଇଛି ଗଣଶିକ୍ଷା ବିଭାଗ। କେବଳ ଏତିକି ନୁହେଁ ଶିକ୍ଷା କ୍ଷେତ୍ରରେ ପିଲାଙ୍କର ଅଭିବୃଦ୍ଧି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବ ଗଣଶିକ୍ଷା ବିଭାଗ। ଏଥିପାଇଁ ସ୍କୁଲ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯିବ। ପିଲାଙ୍କ ମଧ୍ୟରେ ସ୍କୁଲର ସୁରକ୍ଷାକୁ ନେଇ ସଚେତନ କରାଯିବ। ସାଇବର ସିକ୍ୟୁରିଟି ପାଇଁ ପଦକ୍ଷେପ ନିଆଯିବ। ପିଲା ଓ ସ୍କୁଲର ସୁରକ୍ଷା ପାଇଁ ଚଳିତ ବର୍ଷ ବିଭିନ୍ନ ପଦକ୍ଷେପ ନିଆଯିବ। ସ୍କୁଲର ବିପଦପୂର୍ଣ୍ଣ ସ୍ଥାନକୁ ଚିହ୍ନଟ କରାଯିବ। ସୁରକ୍ଷା ଓ ଶିକ୍ଷା ପରିବେଶ ସହଯୋଗୀ କ୍ୟାମ୍ପସ ପ୍ରସ୍ତୁତ କରାଯିବ। ଶିକ୍ଷକମାନେ ସ୍କୁଲ ଆସିବା ବେଳେ କ୍ୟାମ୍ପସ, ଶୌଚାଳୟ ସଫାକୁ ତଦାରଖ କରିବେ। ସମସ୍ତ ଉପକରଣ ଚାଲୁଛି କି ନାହିଁ ତାକୁ ସୁନିଶ୍ଚିତ କରିବେ। କ୍ୟାମ୍ପସରେ ସ୍କୁଲ ସୁରକ୍ଷା ଶପଥର ଡିସପ୍ଲେ ଲାଗିବ। ସ୍କୁଲ ବିପର୍ଯ୍ୟୟ ପରିଚାଳନା ଯୋଜନା ପାଇଁ ପ୍ରସ୍ତୁତ କରାଯିବ। ପୁରା କ୍ୟାମ୍ପସର ମ୍ୟାପକୁ ସାଇନେଜ ମାଧ୍ୟମରେ ଦେଖାଯାଉଥିବା ସ୍ଥାନରେ ଲଗାଯିବ। ସ୍କୁଲ ଫାଟକ, ଶିଡ଼ି ଆଦି ସ୍ଥାନକୁ ସଫା ସହ ଖାଲି ରଖାଯିବ। କ୍ଲାସରୁମ ସିଲିଂରେ ଲାଗିଥିବା ଫ୍ୟାନ ଓ ଲାଇଟ, ସୁଇଚ ବୋର୍ଡ଼, ମେନ ସୁଇଚର କାର୍ଯ୍ୟ ଦକ୍ଷତାକୁ ଯାଞ୍ଚ ହେବ।

ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମଧ୍ୟ ନିଆଯିବ ପଦକ୍ଷେପ। ପ୍ରାଥମିକ ଚିକିତ୍ସା ବାକ୍ସ ରହିବ। ଏହାକୁ ନିୟମିତ ପୂରଣ କରାଯିବ ଓ ଏକସ୍ପାରି ମେଡ଼ିସିନ ବଦଳାଯିବ। ସୁରକ୍ଷିତ ପାନୀୟ ଜଳ ଦିଆଯିବ। ପ୍ରତି ସପ୍ତାହରେ ସ୍କୁଲ ହେଲଥ ରେଜିଷ୍ଟରରେ ପିଲାଙ୍କ ସ୍ୱାସ୍ଥ୍ୟ ବିଷୟରେ ଉଲ୍ଲେଖ କରି ରେକର୍ଡ଼ କରାଯିବ। ଜରୁରୀକାଳୀନ ବେଲ ରହିବ। କିଛି ଜରୁରୀ ସୂଚନା ଘୋଷଣା ପାଇଁ ସାଉଣ୍ଡ ସିଷ୍ଟମ ତଥା ମାଇକକୁ ସ୍ଥାପନ କରାଯିବ। ସାନିଟାଇଜର, ହ୍ୟାଣ୍ଡୱାସ ସହ ଡିଜିଟାଲ ଥର୍ମୋମିଟର ରଖାଯିବ। ପିଲାଙ୍କୁ ସୁରକ୍ଷା ଜନିତ ସମସ୍ୟାର ଅଭିଯୋଗ ପାଇଁ ରହିବ ଅଭିଯୋଗ ବାକ୍ସ। ଆସନ୍ତା ୧୯ ଜୁନରୁ ସ୍କୁଲ ସୁରକ୍ଷା ସପ୍ତାହ ପାଳନ କରାଯିବ। ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଆକ୍ଟିଭିଟି କରାଯିବ। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ସମସ୍ତ ଏକ ଗାଇଡ଼ଲାଇନ ଜାରି କରାଯାଇଛି। ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର। ଆସନ୍ତୁ ଆମେ ସମସ୍ତେ ସରକାରଙ୍କ ଏହି ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା।

*ଶିଶୁ ରୋଗ ବିଶେଷଜ୍ଞ,*
*ମହାନଦୀ ବିହାର, କଟକ ,*
*ଦୂରଭାଷ : ୯୪୩୭୧୨୪୦୭୪*

# ଇଡିଅଟ୍ ସିଣ୍ଡ୍ରୋମ୍

**ଡାକ୍ତର ସମ୍ରାଟ କର**

ନିର୍ବାଚନ ଘୋଘା ଟିକିଏ କମି ଆସିବା ପରେ ଅନେକ ଦିନ ପରେ ଅନୁଲିପିକାର ଅନୁଜ ପ୍ରତୀମ ଶ୍ରୀକାନ୍ତର ଫୋନ କଲଟି ପାଇଲି। ସେ ତାଙ୍କ ଅଫିସ କାମ ବ୍ୟସ୍ତ ଭିତରେ ଜଣେ ବନ୍ଧୁଙ୍କ ଅଜବ ନିଶା ସମ୍ପର୍କରେ ମୋ ଠାରୁ ପରାମର୍ଶ ବୁଝିବାକୁ ଚାହିଁଲେ। ତାଙ୍କ କହିବା କଥା ତାଙ୍କର ସେହି ବନ୍ଧୁ ଜଣଙ୍କ ତାଙ୍କ ନିଜର ଓ ତାଙ୍କ ପରିବାରର ଦେହ ପା ସମ୍ବନ୍ଧୀୟ ଯାହା ସମସ୍ୟା ସବୁ ରହୁଛି କୌଣସି ଡାକ୍ତରଙ୍କ ପରାମର୍ଶ ନ ନେଇ ଗୁଗୁଲରେ ଏହାର ନିରାକରଣ ପରୀକ୍ଷା ଓ ଏହା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସର୍ଚ୍ଚ କରି ସେହି ଅନୁଯାୟୀ ଚିକିତ୍ସା ବ୍ୟବସ୍ଥା କରୁଛନ୍ତି। ସ୍ୱାସ୍ଥ୍ୟ ପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ତାଙ୍କର ଏପରି ବିଚିତ୍ର ଆଚରଣ ମୋତେ କେଜାଣି ଅଜବ ଲାଗୁଛି ବୋଲି ଶ୍ରୀକାନ୍ତ ବ୍ୟସ୍ତଭରା ଭାବେ କହିବା ପରେ ମୁଁ ତାଙ୍କୁ କହିଲି ବାସ୍ତବରେ ଏହା ଏକ ପ୍ରକାର ମାନସିକ ବିକାର ଜନିତ ସମସ୍ୟା। ଏହି ବର୍ଗର ପୀଡ଼ିତ ମାନଙ୍କୁ ଇଡିଅଟ ସିଣ୍ଡ୍ରୋମ ନାମ ଭାବେ ପରିଚିତ। ଇଡିଅଟର ମୂଳ ଅର୍ଥ ହେଉଛି ଇଣ୍ଟରନେଟ ଡିରାଇଭଡ ଇନଫରମେସନ ଅବଷ୍ଟ୍ରାକ୍ସନ ଟ୍ରିଟମେଣ୍ଟ।

ଆଜିର ସମୟରେ ଗୁଗଲ ଜରିଆରେ ସବୁ ସୂଚନା ଗୋଟିଏ ମିନିଟରେ ଜାଣି ହେଉଛି। କିନ୍ତୁ ସବୁ ଉପରେ ଆଖି ବନ୍ଦ କରି ଭରସା କରିବା ଠିକ ନୁହେଁ। ବିଶେଷ କରି ଯେତେବେଳେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ସହିତ ଜଡ଼ିତ ଥାଏ। ଆଜିକାଲି ଲୋକମାନେ ଇଣ୍ଟରନେଟକୁ ଡକ୍ଟର କରିସରିଲେଣି। ଶରୀରେ କୌଣସି ସମସ୍ୟାର ଲକ୍ଷଣ ଦେଖାଦେଲେ ସଙ୍ଗେ ସଙ୍ଗେ ଇଣ୍ଟରନେଟରେ ସର୍ଚ୍ଚ କରୁଛନ୍ତି। ରୋଗର ଚିକିତ୍ସା ଇଣ୍ଟରନେଟରୁ ଖୋଜୁଛନ୍ତି। ଆପଣ ଯଦି ଏପରି କରୁଥାନ୍ତି ତାହେଲେ ଆପଣ ଇଡିଅଟ୍ ସିଣ୍ଡ୍ରୋମରେ ପୀଡ଼ିତ। ଏହା ଏପରି ଏକ ଅବସ୍ଥା, ଯେଉଁଥିରେ ଲୋକମାନେ ଡକ୍ଟରଙ୍କ ଅପେକ୍ଷା ଅଧିକ ଇଣ୍ଟରନେଟ ଉପରେ ଭରସା କରିଥାନ୍ତି। ସେଥିପାଇଁ ଏହାକୁ ଇଡିଅଟ ସିଣ୍ଡ୍ରୋମ ନାମ ଦିଆଯାଇଛି। ଅବଶ୍ୟ ଏଠାରେ ଇଡିଅଟର ଅର୍ଥ ଇଣ୍ଟରନେଟ ଡିରାଇଭଡ ଇନଫରମେସନ ଅବଷ୍ଟ୍ରାକ୍ସନ ଟ୍ରିଟମେଣ୍ଟ। ଏହି ସିଣ୍ଡ୍ରୋମରେ ପୀଡ଼ିତ ବ୍ୟକ୍ତି ଶରୀର ଇନଫମେସନ ଅବଷ୍ଟଅକସନ ଟ୍ରିଟମେଣ୍ଟ। ଇଡିଅଟ୍ ସିଣ୍ଡ୍ରୋମର ପୀଡ଼ିତ ବ୍ୟକ୍ତି ଶରୀର ବିଭିନ୍ନ ଲକ୍ଷଣକୁ ଇଣ୍ଟରନେଟରେ ସର୍ଚ୍ଚ କରି ଜାଣିବାକୁ ଚେଷ୍ଟା କରନ୍ତି ତାଙ୍କୁ କୌଣସି ବଡ଼ ରୋଗ ହୋଇନି ତ। ଯେମିତି କ୍ୟାନସର ପରି ରୋଗ। ଆଜିକାଲି ଅନେକ ଲୋକ ଏପରି କରୁଛନ୍ତି। ସେମାନେ ଛୋଟ ଛୋଟ ଜିନିଷରୁ ଗୁଗଲରେ ସର୍ଚ୍ଚ କରୁଛନ୍ତି। ଏପରି ଲୋକମାନେ ଇଣ୍ଟରନେଟରେ ସେମାନଙ୍କର ଅସୁସ୍ଥତା ବିଷୟରେ ଜାଣିବାକୁ ଚେଷ୍ଟା କରନ୍ତି ଏବଂ ଇଣ୍ଟରନେଟରୁ ଦେଖି ଏହାର ଚିକିତ୍ସା ମଧ୍ୟ ଆରମ୍ଭ କରନ୍ତି। ସେମାନେ ଭାବନ୍ତି ଯେ ନିଜକୁ ସାହାଯ୍ୟ କରୁଛନ୍ତି କିନ୍ତୁ ତାହା ନୁହେଁ। ବାସ୍ତବରେ ସେମାନେ ଏହିପରି ଭାବେ ଭୁଲ ଚିକିତ୍ସିତ ହୋଇପାରନ୍ତି। ଶରୀରରେ କୌଣସି ପ୍ରକାର ଲକ୍ଷଣ ସମାନ୍ୟ ସମସ୍ୟା କାରଣରୁ ମଧ୍ୟ ହୋଇପାରେ। ବେଳେବେଳେ କୌଣସି ରୋଗ ପାଇଁ ହୋଇଥାଏ। କିନ୍ତୁ ଏହା ଭିତରେ ଥିବା ପାର୍ଥକ୍ୟ କେବଳ ଡକ୍ଟରମାନେ ଭଲ ଭାବେ ବୁଝିପାରିଥାନ୍ତି। ଗୁଗଲ ନୁହେଁ। ଡକ୍ଟର ଲକ୍ଷଣ ଦେଖି ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରି ସାରିବା ପରେ ଚିକିତ୍ସା ଆରମ୍ଭ କରନ୍ତି। ତାପରେ ସ୍ୱାସ୍ଥ୍ୟ ସମସ୍ୟାରୁ ଉପଶମ ମିଳିଥାଏ। ତେବେ ସମସ୍ୟା ଗୁରୁତର ବା ଜଟିଳ ହେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିବେ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,*
*ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# ମନୁଷ୍ୟ ଜୀବନ ସହ ସାଙ୍ଘାତିକ ଖେଳ

ବିଗତ କିଛି ବର୍ଷ ମଧ୍ୟରେ ବିଶ୍ୱର ଜନସଂଖ୍ୟା ଯେପରି କ୍ଷିପ୍ର ବେଗରେ ବଢ଼ିଚାଲିଛି ତାର କଳ୍ପନା କରିବା ଅସମ୍ଭବ ।ଆମ ରାଷ୍ଟ୍ର ଭାରତ ଆଉ ଅଳ୍ପ କିଛି ଦିନ ମଧ୍ୟରେ ବିଶ୍ୱର ସର୍ବବୃହତ୍ତ ଜନସଂଖ୍ୟା ଥିବା ରାଷ୍ଟ୍ର ଚୀନକୁ ମଧ୍ୟ ପଛରେ ପକାଇ ଦେବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଜନସଂଖ୍ୟାର ଅହେତୁକ ବୃଦ୍ଧି ଆମ ରାଷ୍ଟ୍ର ଭାରତ ପାଇଁ ଏବେ ମୁଣ୍ଡ ବ୍ୟଥାର କାରଣ ସାଜିଛି ।୧୪୦କୋଟି ଜନସଂଖ୍ୟା ବିଶିଷ୍ଟ ଆମ ରାଷ୍ଟ୍ର ଭାରତର ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ଅସାଧୁ ବ୍ୟବସାୟୀ, ଅସାମାଜିକ ତତ୍ତ୍ୱ,କିଛି କଳକାରଖାନାର ମାଲିକଙ୍କ ପ୍ରତେକ୍ଷ୍ୟ ଏବଂ ପରୋକ୍ଷ ପ୍ରରୋଚନାରେ ବିଭିନ୍ନ ଅପମିଶ୍ରିତ ଖାଦ୍ୟର ବିକ୍ରୟ କରାଯାଉଛି ।ପ୍ରଚୁର ଅର୍ଥ ଉପାର୍ଜନ ଲାଳସାରେ ଅସାଧୁ ବ୍ୟବସାୟୀ ଖାଦ୍ୟଦ୍ରବ୍ୟ, ପନିପରିବାରେ ଅପମିଶ୍ରଣ କରୁଛନ୍ତି, ଏହା ଛଡା ବିଭିନ୍ନ ରାସାୟନିକ ପଦାର୍ଥର ଉପଯୋଗ ବିଭିନ୍ନ ମସଲା ଜାତ ଦ୍ରବ୍ୟ, ପନିପରିବା, ଶସ୍ୟଜାତୀୟ ଦ୍ରବ୍ୟରେ ବହୁଳ ମାତ୍ରାରେ କରାଯାଉଛି । ଅନେକ ସମୟରେ ଏହା ଦୃଷ୍ଟିଗୋଚର ହୁଏ କି ମାଛକୁ ଅଧିକ ଦିନ ସତେଜ ରଖିବା ପାଇଁ ଏଥିରେ ହାନିକାରକ ଫର୍ମାଲ ଡିହାଇଡ ମିଶାଯାଏ। ସାଧାରଣତଃ ମୃତ୍ୟୁ ପରେ ମନୁଷ୍ୟର ଶବକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ଫର୍ମାଲ ଡିହାଇଡ ବ୍ୟବହାର କରାଯାଏ । ଫର୍ମାଲ ଡିହାଇଡ ମିଶାଯାଉଥିବା ମାଛର ଗାଲି ଅତ୍ୟଧିକ ଲାଲ ଓ ଆଖି ଅଧିକ ସଫା ଦେଖାଯାଏ ।କେମିକାଲ ମିଶା ମାଛକୁ ଚୋବାଇବା ସମୟରେ ଏହା ରବର ଭଳି ଲାଗିଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଫର୍ମାଲ ଡିହାଇଡ ବ୍ୟବହାର ଦ୍ୱାରା ଅନେକ ସ୍ୱାସ୍ଥ୍ୟସମସ୍ୟା ଦେଖାଯାଇଥାଏ। ଏବେ ନିକଟରେ ଅନେକ ଘଟଣା ସାମନାକୁ ଆସିଛି ଯେପରିକି ମାଛରେ ଫର୍ମାଲିନ ପ୍ରଲେପ, ଚିକେନରେ ଆଣ୍ଟିବାୟୋଟିକ ଓ ହରମୋନ ଇଞ୍ଜେକ୍ସନ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହିଭଳି ଅପମିଶ୍ରିତ ଖାଦ୍ୟର ସେବନ ଦ୍ୱାରା ଆଖି, ନାକ, ଏବଂ ଗଳାରେ ଗମ୍ଭୀର ସମସ୍ୟା ଦେଖାଯାଏ । ଏବେ ବଜାରରେ ମିଳୁଥିବା ଆମ୍ବ, ପଣସ, କଦଳୀ କୁ ପଚାଇବା ପାଇଁ ବହୁଳ ମାତ୍ରାରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର କରାଯାଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଦ୍ୱାରା କ୍ୟାନସର ହେବାର ସମ୍ଭାବନା ଅଧିକ ଥାଏ । କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଉପରେ ନିଷେଧାଦେଶ ଥିବା ସତ୍ୱେ ଅସାଧୁ ବ୍ୟବସାୟୀ ମାନେ ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଖୋଲାଖୋଲି ଏହି ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି ।ଏହିଭଳି ଅସାମାଜିକ ତତ୍ତ୍ୱ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଛନ୍ତି ।ଅନେକ ସମୟରେ ଲୋକମାନେ ଅଭିଯୋଗ କରିଥାନ୍ତି କି ଅସାଧୁ ବ୍ୟବସାୟୀ ଓ ଖାଦ୍ୟସୁରକ୍ଷା ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହା ସଂଘଟିତ ହୋଇଥାଏ । ସାଧାରଣ ଲୋକଙ୍କ ବାରମ୍ବାର ଅଭିଯୋଗ ସତ୍ୱେ ନେତା, ମନ୍ତ୍ରୀ, ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ଏବଂ ସଦାସର୍ବଦା କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥାନ୍ତି । ବିଭିନ୍ନ ଜାତୀୟ ଓ ଆନ୍ତଜାତୀୟ ଗଣମାଧ୍ୟମର



**ଆଶୁତୋଷ ନାୟକ**

ରିପୋର୍ଟ ଅନୁଯାୟୀ ଗତ ପାଞ୍ଚ ବର୍ଷ (୨୦୧୯-୨୦୨୪)ମଧ୍ୟରେ ଭାରତରେ ପ୍ରସ୍ତୁତ ହୋଇ ବିଦେଶକୁ ଯାଉଥିବା ୪୦୦ପ୍ରକାରର ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ୟୁରୋପୀୟ ସଂଘ (ଇୟୁ )ନିଷିଦ୍ଧ କରିଛି ।ଉକ୍ତ ଖାଦ୍ୟ ସାମଗ୍ରୀ ଗୁଡିକରେ କୀଟନାଶକ କବକ ଏବଂ କ୍ୟାଡ଼ମିୟମ୍ ଭଳି କ୍ଷତିକାରକ ଉପାଦାନ ମିଳିବା ପରେ ୟୁରୋପୀୟ ୟୁନିଅନ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଇୟୁ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ପ୍ରସ୍ତୁତ ହେଉଥିବା ଏହି ୪୦୦ଖାଦ୍ୟ ସାମଗ୍ରୀ ମଧ୍ୟରୁ ୧୪ଟିରେ ମର୍କ୍ୟୁରୀ ଓ କ୍ୟାଡ଼ମିୟମ୍ ଭଳି କ୍ଷତିକାରକ ଉପାଦାନ ରହିଛି ଯାହାକି ଆମ ଶରୀରର ଅଙ୍ଗକୁ କ୍ଷତି ପହଞ୍ଚିବା ସହ ନଷ୍ଟ କରିଦେବ । ସେହିପରି ୨୧ଟି ସାମଗ୍ରୀରେ କ୍ୟାଡ଼ମିୟମ୍ ଭଳି ଭାରୀ ଧାତୁ ରହିଛି । ଏହାକୁ ସେବନ କିମ୍ବା ଆଘ୍ରାଣ କରିବା ଫଳରେ ଅତି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ । ଏହାର ଦୀର୍ଘକାଳୀନ ବ୍ୟବହାର କରିବା ଦ୍ୱାରା କିଡ଼ନୀ ନଷ୍ଟ ହେବା ସହିତ ଶରୀରର ଅସ୍ଥି କ୍ଷତିଗ୍ରସ୍ତ ହୋଇଥାଏ ଏବଂ ଶ୍ୱାସପ୍ରଶ୍ୱାସ ଓ ହୃଦରୋଗ ଭଳି ଗମ୍ଭୀର ସମସ୍ୟା ଦେଖାଦେବାର ଅଧିକ ସମ୍ଭାବନା ରହିଛି ।ଅଧିକ ଦିନ ଧରି କାଡ଼ମିୟମ୍ ମିଶ୍ରିତ ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା ଫୁସଫୁସ କ୍ୟାନସର ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

ପ୍ରଚୁର ଅର୍ଥ କମାଇବା ଲାଳସାରେ ଅନେକ ଅସାଧୁ ବ୍ୟବସାୟୀ, କମ୍ପାନୀ ମାଲିକ ଖାଦ୍ୟଦ୍ରବ୍ୟକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ସେଥିରେ ଅନେକ ହାନିକାରକ ରାସାୟନିକ ପଦାର୍ଥର ବ୍ୟବହାର କରୁଛନ୍ତି ଯାହାକି ଅନେକ ନିରୀହ ଲୋକଙ୍କର ଅକାରଣେ ଜୀବନ ପ୍ରଦୀପ ଲିଭିଯାଉଛି । ତେଣୁ ସମୟ ଆସିଛି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କାଦୁଅପିଙ୍ଗା ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ପରସ୍ପର ମିଳିତ ସହଯୋଗରେ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଥିବା ଅସାମାଜିକ ତତ୍ତ୍ୱ ଯେଉଁମାନେ ଖାଦ୍ୟ ସାମଗ୍ରୀ, ପନିପରିବା, ମସଲା ଦ୍ରବ୍ୟ, ଫଳ, ଶସ୍ୟଜାତୀୟ ଦ୍ରବ୍ୟ ଆଦିରେ ଅପମିଶ୍ରଣ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ଯେପରିକି ଭବିଷ୍ୟତରେ ଆଉ ଏପରି ଘଟଣାର ପୁନରାବୃତ୍ତି ନଘଟୁ ।

*ଗୋପାଳପୁର,, ବାଲେଶ୍ୱର*
*ମୋ : ୭୦୨୦୬୧୧୩୦୦*

# ଅରୂପଟି ରେଖ ଶିଶୁବେଦ ସେହିଠାରେ, ଶିଶୁବେଦ ଭିତରୁ ଗୋରେଖ ଅବତାର....'

'ଅରୂପଟି ରେଖ ଶିଶୁବେଦ ସେହିଠାରେ, ଶିଶୁବେଦ ଭିତରୁ ଯେ ଗୋରେଖ ଅବତାର । ନିରାଲମ୍ବ ଲଲାଟରେ ଶିଶୁବେଦ ସ୍ଥିତି, ଶିଶୁବେଦ ଭିତରୁ ଗୋରେଖ ଉତପତି । ତେଣୁକରି ବର୍ଣ୍ଣଭେଦ ନାହିଁନା ବିଚାର, ଅଯୋନି ସଂଭୂତା, ଜାତ ନୁହଁନ୍ତି ଜଠର ।' ଗୋରେଖ' ସଂହିତାରେ ମହାପ୍ରଭୁ ଗୋରେଖନାଥଙ୍କ ଜନ୍ମ ଓ ସୃଷ୍ଟି ସମ୍ବନ୍ଧରେ ଲିଖିତ ରହିଛି । ସିଦ୍ଧାଚାର୍ଯ୍ୟ ଗୋରେଖନାଥ କେବଳ ଓଡ଼ିଶା ନୁହନ୍ତି ସମଗ୍ର ଭାରତ ବର୍ଷରେ ବେଶ୍ ସୁପରିଚିତ । ସେ ନାଥ ଧର୍ମକୁ ପ୍ରଚାର ଓ ପ୍ରସାର ସହ ଓଡ଼ିଶାର ଆଧ୍ୟାତ୍ମିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାକୁ ଋଦ୍ଧିମନ୍ତ କରିଥିଲେ । ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ଓଡ଼ିଶାର ସନାତନ ଧର୍ମବୋଧକୁ ଅନୁଶୀଳନ କଲେ ଜଣାଯାଏ ଯେ ନାଥ ଧର୍ମର ଅଧିକାଂଶ ସିଦ୍ଧ ମହାତ୍ମାଗଣ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିଲେ । ପ୍ରାଚୀନ ଓଡ଼ିଆ ସନ୍ଥ ସାହିତ୍ୟ ନାଥଧର୍ମ ଦର୍ଶନ ଦ୍ୱାରା ପ୍ରଭାବିତ । ନାଥ ଧର୍ମର ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଘଟ, କାୟାକଳ୍ପ ପ୍ରଭୃତି ଯୋଗ ସମ୍ପର୍କୀୟ ତତ୍ତ୍ୱ ଓଡ଼ିଆ ସନ୍ଥ ସାହିତ୍ୟର ପ୍ରଧାନ ବୈଶିଷ୍ଟ୍ୟ । ଆଜି ମଧ୍ୟ ଓଡ଼ିଶାରେ କେୟାରବାଙ୍କ ମଠ, କପାଳି ମଠ, ରାଜନଗର ମଠ, ଆଳି ମଠ, ପଦ୍ମପୁରର କାଳଭୈରବ ମଠ, କୁଳଣଗିରି ମଠ ପ୍ରଭୃତି ମହାପ୍ରଭୁ ଗୋରେଖନାଥଙ୍କ ପ୍ରଚାରିତ ନାଥ



**ଡକ୍ଟର ତପନ କୁମାର ପାଳ**

ଧର୍ମର ମହତ୍ତ୍ୱ ଏଯାବତ୍ ବଜାୟ ରଖିଛନ୍ତି । ପ୍ରସିଦ୍ଧ ଶାରଳା ପୀଠ ଠାରୁ ମାତ୍ର ଚାରି ମାଇଲ ଦୂରରେ ଛପଡା ଗ୍ରାମରେ ଗୋରେଖ ଗାଦିକୁ ଆଜି ଭାରତର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁଙ୍କ ଆଗମନ ଜାରି ରହିଛି । ପିଣ୍ଡ ମଧ୍ୟରେ ସମଗ୍ର ବ୍ରହ୍ମାଣ୍ଡକୁ ଉପଲବ୍ଧି କରିବା ତତ୍ତ୍ୱକୁ ଗୋରେଖନାଥଙ୍କ ମତରେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ କୁହାଯାଏ । ମହାପ୍ରଭୁ ଗୋରେଖନାଥଙ୍କ ଦ୍ୱାରା ପ୍ରଚାରିତ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଦ୍ୱାରା ଓଡ଼ିଶାର ଜ୍ଞାନମିଶା ପ୍ରେମଭକ୍ତର ସାଧକ ଓ ବୈଷ୍ଣବମାନେ ପ୍ରଭାବିତ ହୋଇଥିଲେ । ସେହିପରି ଭାରତୀୟ ଧର୍ମଧାରାକୁ ମହାପ୍ରଭୁ ଗୋରେଖନାଥଙ୍କ ଅନ୍ୟତମ ଗାନ ହେଉଛି କାୟସିଦ୍ଧି । ତାଙ୍କ ମତରେ ଯୋଗ ସାଧନ ନିମିତ୍ତ ଶରୀର ଏବଂ ମନକୁ ନିୟୋଗ ନକଲେ ସାଧନ ବ୍ୟାହତ ହୁଏ । ମହାପ୍ରଭୁ ଗୋରେଖନାଥଙ୍କ ପ୍ରଚାରିତ ନାଥଧର୍ମ ଉତ୍କଳୀୟ ଜନତାର ଧର୍ମ ଭାବନାକୁ ଗଭୀର ଭାବରେ ପ୍ରଭାବିତ କରିଯାଇଛି । ମହାପ୍ରଭୁ ଗୋରେଖନାଥଙ୍କ ପରି ମଧ୍ୟ ଅନ୍ୟ କୌଣସି ଧର୍ମପ୍ରଚାରକ ଓଡ଼ିଶାର ପୁରପଲ୍ଲୀରେ ସୁପରିଚିତ ହୋଇପାରିନାହାଁନ୍ତି ।

ମହାପ୍ରଭୁ ଗୋରେଖନାଥଙ୍କ ଆର୍ବିଭାବ ସମ୍ପର୍କରେ ଗୋରେଖ ସଂହିତାରେ ବର୍ଣ୍ଣିତ ହୋଇଅଛି ଯେ ଯୋଗମାୟା ମହାବିଷ୍ଣୁଙ୍କ ଆଜ୍ଞାରେ ଶିଶୁ ଗୋରେଖନାଥଙ୍କୁ ଅନାଥଗିରି ଉପରେ ଛାଡ଼ି ଦେଇ ଆସିଥିଲେ । ଗୋରେଖ ସଂହିତାରେ ବର୍ଣ୍ଣିତ ଅଛିଯେ - 'ଆଜ୍ଞା ପାଇ ଯୋଗମାୟା ତୋଳିକରି ନେଲେ, ଅନାଥ ଗିରି ଉପରେ ରଖିଣ ଅଇଲେ' । ଅନାଥ ଶିଶୁ ଗୋରେଖନାଥ ଶିଶୁ ଅବସ୍ଥାରୁ ତପସ୍ୟା କରି ଯୋଗତତ୍ତ୍ୱ ଲାଭ କରିଥିଲେ । ଭ୍ରମଣାର୍ଥେ ଦେଶ ପର୍ଯ୍ୟଟନ କରୁ କରୁ ତପସାଧନା ରତ ମତ୍ସ୍ୟେନ୍ଦ୍ରନାଥଙ୍କ ନିକଟରେ ପହଞ୍ଚିଥିଲେ । ଗୋରେଖନାଥ ମତ୍ସ୍ୟେନ୍ଦ୍ରଙ୍କୁ ଦେଖିବା ମାତ୍ରେ ତାଙ୍କର ପୂର୍ବଜନ୍ମ କଥା ସ୍ମରଣ ହେଲା । ଗୋରେଖନାଥ ଗୁରୁ ମତ୍ସ୍ୟେନ୍ଦ୍ରଙ୍କୁ କର୍ଣ୍ଣ ଚିରାଇ ମନ୍ତ୍ରୋପଦେଶ ଦେବାପାଇଁ ଅନୁରୋଧ କରିଥିଲେ । ମତ୍ସ୍ୟେନ୍ଦ୍ରଙ୍କ ଆଦେଶରେ ଗୋରେଖ ହିମାଳୟକୁ ଯାଇଥିଲେ ଏବଂ ସେଠାରେ ରୁଦ୍ରାକ୍ଷ ବୃକ୍ଷ ମୂଳରେ ଚିରାଇ ଦୀକ୍ଷା ଗ୍ରହଣ କରି ମତ୍ସ୍ୟେନ୍ଦ୍ର ନାଥଙ୍କୁ ଗୁରୁ କରିଥିଲେ । ସେଠାରେ ସେ ମତ୍ସ୍ୟେନ୍ଦ୍ର ନାଥଙ୍କ ସହିତ ନାଥ ଧର୍ମ ଓ ଦର୍ଶନର ନିଗୂଢ଼ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।ବର୍ତ୍ତମାନର ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନାର ଛପଡ଼ା ଗ୍ରାମରେ ଭାରତ ପ୍ରସିଦ୍ଧ ଗୋରେଖଗାଦି ଅବସ୍ଥିତ । କଟକ ପାରାଦ୍ୱୀପ ବ୍ୟସ୍ତ ବହୁଳ ରାସ୍ତାର ଜୟପୁର ଠାରୁ ଦକ୍ଷିଣ ଦିଗକୁ ପ୍ରାୟ ତିନିକିଲୋମିଟର ଦୂର ପରେ ଏହି ପ୍ରସିଦ୍ଧ ପୀଠ ଅବସ୍ଥିତ । ଏହି ଗାଦିର ପୂର୍ବ ଦିଗକୁ ପାଞ୍ଚ କିଲୋମିଟର ଦୂରରେ ପ୍ରସିଦ୍ଧ ଶାରଳା ଦେବୀଙ୍କ ମନ୍ଦିର ଓ ମହାଯୋଗୀ ଆଦିକବି ଶାରଳା ଦାସଙ୍କ ଜନ୍ମସ୍ଥାନ ଅବସ୍ଥିତ । କେବଳ ଓଡ଼ିଶା ନୁହେଁ ଭାରତର ବିଭିନ୍ନ ରାଜ୍ୟରୁ ଏକ ଅଲୌକିକ ଦିବ୍ୟ ଦେବପୀଠ ଭାବରେ ଏହି ଗାଦି ବେଶ୍ ପ୍ରସିଦ୍ଧ । ସର୍ପ ଦର୍ଶନ ଓ ଗୋମଡ଼କ ଇତ୍ୟାଦିରୁ ରକ୍ଷା ପାଇବା ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏହି ପୀଠରେ ପହଞ୍ଚିଥାନ୍ତି । ମହାପ୍ରଭୁଙ୍କ ଧ୍ୱନୀକୁଣ୍ଡର ପବିତ୍ର ବିଭୁତି ଓ ପାଦଦୋକ ରୋଗୀଙ୍କୁ ଦେଲେ ତାହା ତୁରନ୍ତ ଫଳପ୍ରଦାନ କରିଥାଏ । ବିଭିନ୍ନ ସମୟରେ ଏହି ପୁଣ୍ୟ କ୍ଷେତ୍ରରେ ଉତ୍ସବ ଓ ମହୋତ୍ସବ ଆଧ୍ୟାତ୍ମିକ ଭକ୍ତିପୂର୍ଣ୍ଣ ଭାବରେ ପାଳିତ ହୋଇଥାଏ । କେବଳ ଓଡ଼ିଶା ନୁହେଁ ଭାରତର ବିଭିନ୍ନ ଅଞ୍ଚଳରେ ଭକ୍ତ ଓ ଆଶ୍ରୀତମାନେ ଏହି କ୍ଷେତ୍ରକୁ ଦର୍ଶନ କରିବା ପାଇଁ ଆସିଥାନ୍ତି। ଏହି କ୍ଷେତ୍ର ଠାରୁ କିଛି ଦୂରରେ ପବିତ୍ର ହଂସୁଆ ନଦୀର କୂଳରେ ମହାପ୍ରଭୁ ଗୋରେଖନାଥଙ୍କ ଗୁରୁ ମତ୍ସ୍ୟେନ୍ଦ୍ରନାଥଙ୍କ ପୀଠ ରହିଛି । ଏହି ନଦୀର ଅପରପାର୍ଶ୍ୱରେ ଏକ ପ୍ରସିଦ୍ଧ କ୍ଷେତ୍ର ହେଉଛି ଧଉଳିକୁଦ । ଲୋକବିଶ୍ୱାସ ରହିଛି ଯେ ଏହି କୁଦ ଉପରେ ଦେବଶିଶୁ ଧ୍ରୁବ୍ ତପସ୍ୟା ଲାଭ କରି ବରପ୍ରାପ୍ତ ହୋଇଥିଲେ । ସେହିପରି ନିକଟରେ ଏକ ଗୋପୀନାଥ ମନ୍ଦିର ରହିଛି । ସେହିପରି ଗୋରେଖଗାଦି ନିକଟରେ ନିମ୍ବମଠ ଓ ବୋଧିନାଥ ପୂଜା ପାଉଛନ୍ତି । ମାଘପୂର୍ଣ୍ଣିମା ବା ଅଗିରା ପୂନେଁ ଦିନ ଏହି ପୀଠରେ ମେଳା, ଯଜ୍ଞ ଓ ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁ ଗୋରେଖନାଥ ଆଜି ଅଲୌକିକ ଭାବରେ ତାଙ୍କ ଉପରେ ବିଶ୍ୱାସ ରଖୁଥିବା ଶ୍ରଦ୍ଧାଳୁଙ୍କୁ କୃପା ପ୍ରଦାନ କରିଥାନ୍ତି । ମହାପ୍ରଭୁଙ୍କ ଦିବ୍ୟ କୃପା ସମସ୍ତଙ୍କ ପ୍ରାପ୍ତ ହେଉ ଏହା ହିଁ କାମନା ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*
*ଦୂରଭାଷ : ୯୯୩୭୬୫୮୩୬୨*

# ଜୁନ ୪ ଫଳାଫଳ ଦାବି - ଜିତାପଟ କାହାର ହେବ ?

ଭାରତ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଆମ ସମ୍ବିଧାନ ମଧ୍ୟ ବିଶ୍ୱର ସବୁଠୁ ବଡ ଲିଖିତ ସମ୍ବିଧାନ । ଆମ ସାମ୍ବିଧାନିକ ବ୍ୟବସ୍ଥାରେ ସାବାଳକ ଭୋଟରମାନଙ୍କ ଦ୍ୱାରା ଲୋକପ୍ରତିନିଧି ବାଛିବାର ବ୍ୟବସ୍ଥା ରହିଛି । ଉଭୟ ଲୋକସଭା ଓ ବିଭିନ୍ନ ରାଜ୍ୟ ବିଧାନସଭା ପାଇଁ ପ୍ରତି ୫ବର୍ଷରେ ଥରେ ଭୋଟଦାନ କରାଯାଇ ଲୋକପ୍ରତିନିଧିମାନଙ୍କୁ ବଛାଯାଏ । ସେହିପରି ୨୦୨୪ ନିର୍ବାଚନ ପାଇଁ ଦେଶରେ ୭ଟି ଓ ଆମ ରାଜ୍ୟରେ ୩ଟି ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି । ଆଉ ଗୋଟିଏ ପର୍ଯ୍ୟାୟ ଜୁନ୍ ୧ରେ ଶେଷ ହେବ ଓ ଜୁନ୍ ୪ ତାରିଖରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ । ଅଦ୍ୟାବଧି ସାରା ଦେଶରେ ୫୪୩ଟି ଲୋକସଭା ଆସନ ମଧ୍ୟରୁ ବ ର୍ମାନ ସୁଦ୍ଧା ୪୮୬ ଆସନରେ ଭୋଟ ଗ୍ରହଣ ସରିଛି । ଓଡିଶାରେ ଅଦ୍ୟାବଧି ୧୫ଟି ଲୋକସଭା ସହିତ ୧୦୫ଟି ବିଧାନସଭା ପାଇଁ ମତଗ୍ରହଣ ସରିଛି । ରାଜ୍ୟରେ ଆଉ ୬ଟି ଲୋକସଭା ଓ ୪୨ଟି ବିଧାନସଭା ଆସନ ପାଇଁ ଶେଷ ପର୍ଯ୍ୟାୟ ମତଦାନ ଜୁନ ୧ ମତଦାନ କରାଯିବ । ଆମ ରାଜ୍ୟରେ ଶେଷ ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁର ଲୋକସଭା କ୍ଷେତ୍ର ଏବଂ ଏସବୁ ଲୋକସଭା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟଗ୍ରହଣ କରାଯିବ । ଓଡିଶାରେ ଏହି ଶେଷ ପର୍ଯ୍ୟାୟ ନିର୍ବାଚନରେ ଲୋକସଭା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ଶ୍ରୀକାନ୍ତ ଜେନା, ଡା. ରାଜଶ୍ରୀ ମଲ୍ଲିକ, ବୈଜୟନ୍ତ ପଣ୍ଡା, ଅଂଶୁମାନ ମହାନ୍ତି, ବିଭୁପ୍ରସାଦ ତରାଇ ରହିଥିବା ବେଳେ ବିଧାନସଭା ପାଇଁ ପ୍ରଫୁଲ୍ଲ ସାମଲ, ଅତନୁ ସାବ୍ୟସାଚୀ ନାୟକ, ବାଚସ୍ପତି ପ୍ରମିଳା ମଲ୍ଲିକ, ପ୍ରଶାନ୍ତ ମୁଦୁଲି, ଆକାଶ ଦାସ ନାୟକ, ଅମରେନ୍ଦ୍ର ଦାସ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ପ୍ରୀତିରଞ୍ଜନ ଘଡେଇ, ସିପ୍ରା ମଲ୍ଲିକଙ୍କ ଭଳି ବହୁ ହେଭିୱେଟ୍ , ଯୁବ ଓ ନବାଗତ ନେତା-ନେତ୍ରୀଙ୍କର ଭବିଷ୍ୟତ ନିର୍ଦ୍ଧାରଣ ହେବାକୁ ଯାଉଛି । ନିର୍ବାଚନ ଭିତରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଦଳର ବରିଷ୍ଠ ନେତା ଭିକେ ପାଣ୍ଡିଆନ, ବିଜେପି ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହା ଓ ବହୁ କେନ୍ଦ୍ରୀୟ ନେତା ଏପରିକି କଂଗ୍ରେସର ରାହୁଲ ଗାନ୍ଧି ଓ ଅନ୍ୟାନ୍ୟ ରାଷ୍ଟ୍ରୀୟ ନେତା ପ୍ରଚାରକୁ ଜୋରଦାର କରିବା ପାଇଁ ଓଡିଶାକୁ ଆସିଛନ୍ତି । ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ଥିଲା ଶେଷ ଦିନ। ନିର୍ବାଚନ ପ୍ରକ୍ରିୟା ଶେଷ ହେବାକୁ ଆଉ ଗୋଟିଏ ପର୍ଯ୍ୟାୟ ବାକିଥିବା ବେଳେ ୨୦୨୪ ସିଂହାସନ ଓଡିଶାରେ କାହାର ହେବ ତାକୁ ନେଇ ଅନେକ କଳ୍ପନା ଜଳ୍ପନା । ଚା-ଖଟି ଠାରୁ ପାନ ଦୋକାନ , ସର୍ବସାଧାରଣ ଛକ , ହୋଟେଲ , ପାର୍କ ଓ ରାସ୍ତାଘାଟରେ ସବୁଠି ନିର୍ବାଚନୀ ଆଲୋଚନା । କିଏ ଜିତିବ , କିଏ ହାରିବ , ଓ କେଉଁ ଦଳ କେତେ ଆସନରେ ବିଜୟୀ ହେବ ଏହାକୁ ନେଇ ସବୁଠି ଚର୍ଚ୍ଚା । ଆମ ରାଜ୍ୟ କଥା ବିଚାରକୁ ନେଲେ ଗୋଟିଏ ପଟେ ମୋଦୀଙ୍କ ଗ୍ୟାରେ ି ,ଓଡିଆ ଅସ୍ମିତା ଓ ରତ୍ନଭଣ୍ଡାର ଚାବିକୁ ନେଇ ଢେର ଆଲୋଚନା । ସେହିପରି ନବୀନଙ୍କ ଲୋକପ୍ରିୟତା , ମାଗଣା ବିଜୁଳି ବିଲ୍ ଓ ପାଣ୍ଡିଆନଙ୍କ ରଣକୌଶଳ ପ୍ରସଙ୍ଗରେ ଅନେକ ଆଲୋଚନା । ନିର୍ବାଚନ ଗଣତି ପୂର୍ବରୁ ବିଭିନ୍ନ ତାରିଖରେ ହୋଇଥିବା ମତଦାନ ଓ ଭୋଟରଙ୍କ ମୁଡ କଣ ରହିଛି ତାହା ଜାଣିବା କଷ୍ଟକର । ତଥାପି ଆମ



**ହିମାଂଶୁ ଶେଖର ଆଚାର୍ଯ୍ୟ**

ରାଜ୍ୟ କଥା ଆଲୋଚନା କଲେ ନିର୍ବାଚନରେ ଜିତିବା ପାଇଁ ତିନି ପ୍ରମୁଖ ଦଳ ବିଜେପି, କଂଗ୍ରେସ ଓ ବିଜେଡି ଓ ଅନ୍ୟାନ୍ୟ ଦଳ ସେମାନଙ୍କର ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି । କିନ୍ତୁ ପ୍ରକୃତ ଲଢେଇ ତିନି ପ୍ରମୁଖ ଦଳମଧ୍ୟରେ ହେବ । ବିଶେଷ କରି ଓଡିଶାରେ ବିଜେଡି ଓ ବିଜେପ ମଧ୍ୟରେ କଡା ଟକ୍କର ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏ ଦୃଷ୍ଟିରୁ କଂଗ୍ରେସର ସ୍ଥିତି କଣ ତାହା ଭୋଟ ଗଣତି ପରେ ଜଣାପଡିବ ।

ଏହି ନିର୍ବାଚନ ଫଳାଫଳ ଅନେକ ନେତାଙ୍କ ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରଣ କରିବ । ତେଣୁ ଦିନରାତି ଏକାକାର କରି ସେମାନେ ବାଜିମାତ୍ କରିବାକୁ ଲାଗିପଡିଛନ୍ତି । ଦଳୀୟ ମୁଖିଆଙ୍କ ନିର୍ବାଚନୀ ଗ୍ୟାରେ ି ଓ ତାଙ୍କର ଫେସ୍ ଭାଲ୍ୟୁକୁ ସେମାନେ ମୁଖ୍ୟ ଆଧାର କରିଛନ୍ତି । ବିଶେଷ କରି ବିଜେଡି ପାଇଁ, ନବୀନ ମ୍ୟାଜିକ୍ ଓ ବିଜେପି ପାଇଁ ମୋଦି ଗ୍ୟାରେ ି ସେମାନଙ୍କୁ ନିର୍ବାଚନ ବୈତରଣୀ ପାର କରିବ ବୋଲି ସଂସଦୀୟ କ୍ଷେତ୍ର ଓ ବିଧାନସଭା ପ୍ରାର୍ଥୀମାନେ ଆଶା ରଖିଛନ୍ତି । ଏଥି ସହିତ କଂଗ୍ରେସର ବି ଗ୍ୟାରେ ି ରହିଛି । ଖାଲି ସେତିକି ନୁହେଁ ବିଭିନ୍ନ ଦଳ ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ନିର୍ବାଚନ ବାତାବରଣକୁ ଅଧିକ ଉଷ୍ମ କରିଛି । ତାକୁ ନେଇ ମଧ୍ୟ ସବୁଠି ଆଲୋଚନା । ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟାନ୍ୟ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ନେତା ଜୁନ ୪କୁ ବିଜେଡି ପାଇଁ ଏକ୍ସପାରି ତାରିଖ କହୁଥିବା ବେଳେ ଏଥର ଓଡିଶାରେ ବିଜେପି ସରକାର ଗଢିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । କାରଣ ଓଡିଶାର ଲୋକମାନେ ପରିବ ର୍ନ ଚାହୁଁଛନ୍ତି । ଏହା ସ୍ପଷ୍ଟ ରୂପେ ଜଣାପଡୁଛି । ଅନ୍ୟ ପଟେ ବରିଷ୍ଠ ବିଜେଡି ନେତା ପାଣ୍ଡିଆନ ପୁଣି ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ହେବେ ଓ ଜୁନ ୯ରେ ଶପଥ ଗ୍ରହଣ ଉତ୍ସବ ହେବ ବୋଲି ସେ ଜୋର୍‌ଦେଇ କହିଛନ୍ତି ।

ଏଥର ନିର୍ବାଚନରେ ନିର୍ବାଚନ ପ୍ରକ୍ରିୟା ଶେଷ ପୂର୍ବରୁ ଏବଂ ଭୋଟ ଗଣତି ପୂର୍ବରୁ ଶପତ ଗ୍ରହଣ ତାରିଖ ଘୋଷଣା ହୋଇଛି । ଏହା ସମସ୍ତଙ୍କୁ ଚକିତ କରିଛି । ବିଶେଷ କରି ଦୁଇ ପ୍ରମୁଖ ଦଳ ନେତା ଏହି ତାରିଖ ଘୋହଣା କରିଛନ୍ତି । ବିଜେଡି ତରଫରୁ ଜୁନ୍ ୯ ତାରିଖକୁ ଶପଥ ଗ୍ରହଣ ତାରିଖ ଭାବେ ଘୋଷଣା କରାଯାଇଥିବା ବେଳେ ବିଜେପି ତରଫରୁ ଜୁନ୍ ୧୦ ତାରିଖକୁ ସ୍ଥିର କରାଯାଇଛି । ଏହା ଟିକେ କେମିତି କେମିତି ଅଲଗା ଲାଗୁଛି । ଆମ ସାମ୍ବିଧାନିକ ବ୍ୟବସ୍ଥାରେ ଭୋଟ ଗଣତି ପରେ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଦଳ ସର୍ବସମ୍ମତି କ୍ରମେ ସେମାନଙ୍କ ନେତା ବାଛିବା ପରେ ସେମାନେ ରାଜ୍ୟ କଳକୁ ସରକାର ଗଠନ କରିବା ପାଇଁ ଦାବୀ ଜଣାଇଥାନ୍ତି । ତଦ୍‌ନୁଯାୟୀ ଶପଥ ଗ୍ରହଣ ତାରିଖ ଧାର୍ଯ୍ୟ କରାଯାଏ । ଏହାହିଁ ବିଧି ବ୍ୟବସ୍ଥା । ଯଦି କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ କରି ନପାରେ ତାହାଲେ ମିଳିତ ମନ୍ତ୍ରୀ ମଣ୍ଡଳ କଥା ବିଚାର କରାଯାଇଥାଏ । ଯଦି କୌଣସି କାରଣରୁ ଏହା ସମ୍ଭବ ହୋଇପାରେ ନାହିଁ ତାହାଲେ ରାଜ୍ୟପାଳ ନିଜର ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରନ୍ତି । ନିର୍ବାଚନ ବା ଭୋଟଗଣତି ପୂର୍ବରୁ କେବଳ ଜ୍ୟୋତିଷମାନେ ବା ରାଜନୀତି ବିଶାରଦମାନେ ବା ନିର୍ବଚନ ପୂର୍ବରୁ ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ସର୍ଭେରୁ କେଉଁ ଦଳର ସ୍ଥିତି କଣ ତାହା ଜଣା ପଡିଥାଏ । ସେ ଯାହା ହେଉନା କାହିଁକି ଦେଶରେ ବା ଓଡିଶାରେ କେଉଁ ଦଳ ସରକାର ଗଢିବ ତାହା ଜୁନ୍ ୪ରେ ସ୍ପଷ୍ଟ ହୋଇଯିବ । କିନ୍ତୁ ଚଳିତ ନିର୍ବାଚନରେ ଫଳାଫଳ ୨୦୧୯ ନିର୍ବାଚନର ପୁନରାବୃ ି ହେବ ବା ପରିବ ର୍ନ ହେବ ତାହା ୪ ତାରିଖରେ ଇଭିଏମ୍ ଖୋଲା ଗଲେ ସବୁକିଛି ଜଣା ପଡିବ । ଯାହା ଅନୁମାନ କରାଯାଉଛି ଗତ ୨୦୧୯ ସାଧାରଣ ନିର୍ବାଚନରେ ଫଳାଫଳ ଯେପରି ଏକତରଫା ହୋଇଥିଲା ତାହା ଏଥର ହୋଇନପାରେ । ମୋଦୀଙ୍କ ଚାରିଶହ ନାରା ଓ ରାଜ୍ୟରେ ବିଜେଡିର ଦୁଇତୃତୀୟାଂଶ ଆସନ ଓ ବିଜେପିର ୭୫ ଆସନ ଦାବି କେତେଦୂର ସଫଳ ହେବ ସେଥିପାଇଁ ଆମକୁ ୪ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ । ଗଣତନ୍ତ୍ରରେ ଏକ ଶକ୍ତିଶାଳୀ ବିରୋଧୀ ଦଳ ରହିବା ଜରୁରୀ । ଚଳିତ ନିର୍ବାଚନରେ ଯେଉଁଦଳ ସରକାର ଗଢୁନା କାହିଁକି ଏକ ଶକ୍ତିଶାଳି ବିରୋଧୀ ଦଳ ରହିବାର ଦୃଶ୍ୟ ଦେଖିବାକୁ ମିଳିପାରେ ବୋଲି ଅନୁମାନ କରାଯାଉଛି ।

*ତି ୍ତୋଲ, ଜଗତସିଂହପୁର*
*ମୋ-୯୯୩୭୧୫୧୦୫୨*




# ସ୍ୱାବଲମ୍ବୀ ହେବାର ପ୍ରକୃଷ୍ଟ ମାଧ୍ୟମ : ପାଳଛତୁ ଚାଷ

**ଛତୁ ଚାଷ କଣ ପାଇଁ -**
ଓଡ଼ିଶାରେ ବିଭିନ୍ନ ଋତୁରେ ବିଭିନ୍ନ ପନିପରିବା , ଫୁଲ , ଫଳ ଇତ୍ୟାଦି ଚାଷ କରାଯାଇଥାଏ । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଭାବେ ଶସ୍ୟ ଜାତୀୟ ଫସଲ ଉତ୍ପାଦନରେ ବେଶ ଆଗରେ ଅଛି । କିନ୍ତୁ ଛତୁ ଚାଷ ଏପରି ଏକ ମାଧ୍ୟମ ଯାହା ଦ୍ୱାରା ବେକାର ଯୁବକ ଯୁବତୀ ମାନେ ସହଜରେ ରୋଜଗାର କରିପାରିବେ । ନିଜ ଗୋଡ଼ରେ ନିଜେ



ଠିଆ ହେବାର ଏକ ସଫଳ ପ୍ରଚେଷ୍ଟା ଏହି ଚାଷ । ଏହାକୁ ଖୁବ କମ ସମୟ ମଧ୍ୟରେ ନିଜ ଘରେ ମଧ୍ୟ ଚାଷ କରିପାରିବେ । ଆବଶ୍ୟକୀୟ ପଦ୍ଧତିକୁ ସୁଚାରୁ ରୂପେ ସମ୍ପାଦନ କରିପାରିଲେ କମ ସମୟରେ ଅମଳ କରି ଲାଭବାନ ବି ହୋଇପାରିବେ । ବର୍ତ୍ତମାନ ଅନେକ ଯୁବଗୋଷ୍ଠୀ ଏହାକୁ ଆପଣେଇ ନିଜ ଘରେ ଚାଷକରି ବେଶ ପଇସା କମାଉଛନ୍ତି । ସୁତରାଂ, ଏହା ଏକ ସଫଳ ଚାଷ ଭାବେ ପରିଗଣିତ ହୋଇଛି ।

**ତାପମାତ୍ରା ନିୟନ୍ତ୍ରଣ -**
ସାଧାରଣତଃ ୨୪-୨୫ ଡ଼ିଗ୍ରୀ ସେଲସିୟସ ତାପମାତ୍ରା ପାଳଛତୁ ଚାଷ ପାଇଁ ସର୍ବୋତ୍କୃଷ୍ଟ ହୋଇଥାଏ । ଓଡ଼ିଶାରେ ମାର୍ଚ୍ଚ ଠାରୁ ଆରମ୍ଭ କରି ନଭେମ୍ବର ଯାଏଁ ଏହାକୁ ଚାଷ କରାଯାଇପାରେ । ପାଳଛତୁ ଚାଷରେ ତାପମାତ୍ରା ନିୟନ୍ତ୍ରଣ ଏକ ପ୍ରମୁଖ ବ୍ୟବସ୍ଥା । କାରଣ ତାପମାତ୍ରାରେ ଅସାମଂଜସ୍ୟ ଦେଖାଗଲେ ଅମଳରେ ଅସୁବିଧା ଦେଖାଯାଏ । ୩୦ ରୁ ୩୫ ଡ଼ିଗ୍ରୀ ତାପମାତ୍ରା ଅମଳ ପାଇଁ ଉପଯୋଗୀ ହୋଇଥାଏ । ଖରାଦିନ ମାନଙ୍କରେ ଯଦି ତାପମାତ୍ରା ଅଧିକ ହୋଇଯାଏ ତାହେଲେ ଚାଷ କରାଯାଉଥିବା ସ୍ଥାନ ମାନଙ୍କରେ କାନ୍ଥରେ ଓଦା ଅଖା ଟାଣି ତାପମାତ୍ରା ନିୟନ୍ତ୍ରଣ କରାଯାଏ । ସକାଳ ଠାରୁ ସଂଧ୍ୟା ଯାଏଁ ଛତୁ ବେଡ଼ ଉପରୁ ପଲିଥିନ କାଢ଼ି ଦେବା ଆବଶ୍ୟକ । ପାଳଛତୁ ଅନ୍ୟ ଛତୁଚାଷ ଅପେକ୍ଷା ଅଧିକ ଆଲୋକ ଆବଶ୍ୟକ କରିଥାଏ । ତେଣୁ କାନ୍ଥ ବିହୀନ ଘରେ ଛତୁ ଚାଷ କଲେ ଏହା ଭଲ ଫଳ ଦେଇଥାଏ । କାରଣ ଏହି ସ୍ଥାନରେ ଆବଶ୍ୟକ ମାତ୍ରାରେ ଆଲୋକ ମିଳିପାରେ । କାନ୍ଥ ଥିବା ଘରେ ଚାଷ କଲେ ସେଥିରେ ଝରକା ରହିବା ଦରକାର । କାରଣ ବିନା ଝରକାରେ ସୂର୍ଯ୍ୟାଲୋକ ସିଧାସଳଖ ଛତୁ ବେଡ଼ ଉପରେ ପଡ଼ିଥାଏ । ତେଣୁ ନଡ଼ା ଶୁଖିଯିବାର ସମ୍ଭାବନା ଥାଏ । ଏବେ ତ ଉପାୟ ବା ଆଲୋକ ନିୟନ୍ତ୍ରଣ ପାଇଁ ଅନେକ ବ୍ୟବସ୍ଥା ଉପଲବ୍ଧ ହେଲାଣି । ପାଳଛତୁ ଚାଷ ପାଇଁ ୮୫-୯୫ ପ୍ରତିଶତ ଆର୍ଦ୍ରତା ରହିବା ଆବଶ୍ୟକ । ଖରା ଦିନେ ଆର୍ଦ୍ରତା କମିଗଲେ ଚଟାଣରେ ପାଣିଢ଼ାଳି ଏହାକୁ ରକ୍ଷା କରାଯାଇପାରିବ । ଏତଦବ୍ୟତୀତ ପାଳଛତୁର ବୃଦ୍ଧି ଓ ଫୁଟିବା ସମୟରେ ଅମ୍ଳଜାନ ଆବଶ୍ୟକ ହୋଇଥାଏ । ତେଣୁ ବନ୍ଦ କୋଠରୀରେ ଏହାକୁ କରିବା ଅନୁଚିତ ।

**ଆବଶ୍ୟକୀୟ ଉପାଦାନ -**
ନଡ଼ା - ପାଳଛତୁ ଚାଷରେ ନଡ଼ା ୧୫-୨୦ ବିଡ଼ା ଆବଶ୍ୟକ । ଧାନ ନଡ଼ା ନମିଳିଲେ ମାଣ୍ଡିଆ ବା ଆଖୁଛେଦା ବି ବ୍ୟବହାର କରାଯାଇପାରିବ ।

ବର୍ତ୍ତମାନ ସମୟରେ ଯୁବସମାଜ ନିଯୁକ୍ତି ପାଇଁ ବାରଦୁଆର ଶୁଙ୍ଘିପିଣ୍ଡ ହେଉଛନ୍ତି । ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି । କିନ୍ତୁ ଏବେ ସମୟ ଆସିଛି ପରିବର୍ତ୍ତନର । ଦିନଥିଲା କୃଷି ହିଁ ସାମାଜିକ ଜନଜୀବନର ପ୍ରମୁଖ ଆଧାର ଥିଲା । କୃଷିକୁ ଆଧାର କରି ଲୋକେ ପରିବାର ପ୍ରତିପୋଷଣ କରୁଥିଲେ । ଆଜି ଆଉ ଚାଷବାସ ପ୍ରତି ସେପରି ଶ୍ରଦ୍ଧା ନାହିଁ । ନା ଅଛି ଆନ୍ତରିକତା ନା ଅଛି ମନୋବଳ । କେହି ବି ଆଉ କ୍ଷେତକୁ ପଶିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି । ପରନ୍ତୁ ଏପରି କିଛି ଚାଷ ଅଛି ଯାହାକୁ ଆପଣେଇପାରିଲେ କର୍ମନିଯୁକ୍ତି ମିଳିବା ସହ ଆତ୍ମନିର୍ଭରଶୀଳ ମଧ୍ୟ ହୋଇପାରିବେ । ସ୍ୱାବଲମ୍ବୀ ହେବାର ପ୍ରକୃଷ୍ଟ ମାଧ୍ୟମ ପାଳଛତୁ ଚାଷ । ସବୁଆଡ଼େ ଏବେ ଛତୁର ଢ଼େର ଚାହିଦା । ବଜାରରେ ବି ଛତୁର ସ୍ଥାନ ସ୍ୱତନ୍ତ୍ର । ଏପରି ସ୍ଥିତିରେ ଛତୁଚାଷ ଲାଭବାନ ହେବାର ଏକ ବିକଳ୍ପ କହିଲେ ଭୁଲ ହେବନାହିଁ । ଯୁବଗୋଷ୍ଠୀ ହୁଅନ୍ତୁ କି ନାରୀ , ଯିଏ କେହି ବି ଚାହିଁଲେ ଏହାକୁ ଚାଷ କରି ରୋଜଗାରକ୍ଷମ ହୋଇପାରିବେ । ତେବେ ଏଥର ପାଳଛତୁ ଚାଷର ବିସ୍ତୃତ ପ୍ରଣାଳୀକୁ ନେଇ ସ୍ୱତନ୍ତ୍ର ପ୍ରତିବେଦନ.....



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

## ସଫଳ ଛତୁ ଚାଷୀ - ଦେବୀ ପ୍ରସାଦ ପତି



କଟକ ଜିଲ୍ଲାର ବୟାଳିଶ ମୌଜା ଅଂଚଳର ଶିକ୍ଷିତ ଯୁବକ ଦେବୀ ପ୍ରସାଦ ପତି । ଯୁବାବସ୍ଥାରୁ ଚାଷ ପ୍ରତି ଅହେତୁକ ନିଶା ରଖିଥିବା ଶ୍ରୀ ପତି ଜଣେ ସମାଜସେବୀ ହେଲେ ବି କୃଷି ପାଇଁ ତାଙ୍କ ମନ ସଦା ଆବେଗପୂର୍ଣ୍ଣ । ବର୍ତ୍ତମାନ ନିଜ ଗାଁରେ ଚାଷୀମାନଙ୍କୁ ଜୈବିକ କୃଷିର ତାଲିମ ଦେବା ସହ ଛତୁ ଚାଷ ଉପରେ ବି ପ୍ରଶିକ୍ଷଣ ଦେଉଛନ୍ତି । ନିଜେ ଘରେ ଛତୁ ଚାଷ କରି ବେଶ ଲାଭବାନ ହୋଇପାରିଛନ୍ତି ସେ । ତାଙ୍କ କହିବା ଅନୁସାରେ ଛତୁ ଚାଷ ପାଇଁ ପରିଶ୍ରମ କମ ହେବା ସହ ଟଙ୍କା ମଧ୍ୟ ଅଳ୍ପ ଖର୍ଚ୍ଚ ହୋଇଥାଏ । ଜଣେ ଯଦି ଠିକ ଭାବେ ସମୟ ଦେଇ ଏହାକୁ ପରିଚାଳନା କରିପାରିଲେ , ତେବେ ନିଶ୍ଚୟ ଲାଭାନ୍ୱିତ ହୋଇପାରିବେ । ସେ ନିଜେ ଛତୁ ଚାଷ କରି ପାଖ ବଜାରକୁ ପଠାଇବା ସହ ଏବେ ନିଜ ଗାଁ ପାଇଁ ପାଲଟିଯାଇଛନ୍ତି ରୋଲ ମଡ଼େଲ । ଜଣେ ସଫଳ ଛତୁ ଚାଷୀ ଭାବେ ଆଜି କଟକ ଜିଲ୍ଲାରେ ତାଙ୍କର ବେଶ ପରିଚୟ ମଧ୍ୟ ରହିଛି । ଆଗକୁ ଯୁବକ ମାନେ ଏହି ଛତୁକୁ ଆପଣେଇଲେ କର୍ମ ନିଯୁକ୍ତି ପାଇପାରିବେ ବୋଲି ଶ୍ରୀ ପତି ନିଜ ପ୍ରତିକ୍ରିୟାରେ କହିଛନ୍ତି । ଛତୁ ଚାଷ ଏକ କଷ୍ଟଦାୟକ ଚାଷ ନୁହେଁ , ବରଂ ଏହା ଦ୍ୱାରା ଆତ୍ମସନ୍ତୋଷ ମିଳିଥାଏ । ତେଣୁ ଛତୁ ଚାଷ କରି ନିଜକୁ ବି ରୋଜଗାରକ୍ଷମ କରନ୍ତୁ ଆଉ ଲାଭବାନ ବି ହୁଅନ୍ତୁ ।



**ଛତୁ ବିହନ** - ୩୫୦-୪୦୦ଗ୍ରାମର ଉଚ୍ଚ ବିହନ ପାଳଛତୁ ଚାଷ ପାଇଁ ଆବଶ୍ୟକ ହୋଇଥାଏ ।
**ବେସନ ବା ଡ଼ାଲିଗୁଣ୍ଡ** - ଗୋଟିଏ ବେଡ଼ ଛତୁ ପାଇଁ ୨୦୦-୨୫୦ଗ୍ରାମ ଡ଼ାଲିଗୁଣ୍ଡ ଆବଶ୍ୟକ ହୁଏ । ଏହାକୁ ଛତୁର ଖାଦ୍ୟ ବୋଲି ବିବେଚନା କରାଯାଏ ।
**ପଲିଥିନ** - ଛତୁ ବେଡ଼କୁ ଚାରିପଟୁ ଘୋଡ଼ାଇବା ପାଇଁ ପଲିଥିନ ଦରକାର । ୨ ଫୁଟ ଲମ୍ବ,ପସ୍ଥ ଓ ଉଚ୍ଚତାର ବେଡ଼ ପାଇଁ ୬ ଫୁଟ ଲମ୍ବ ଓ ପ୍ରସ୍ଥ ପଲିଥିନ ଆବଶ୍ୟକ ହୋଇଥାଏ ।

**ଚାଷ ପ୍ରଣାଳୀ -**
ନଡ଼ା ବିଶୋଧନ- ପ୍ରଥମେ ନଡ଼ାର ଦୁଇ ପଟକୁ କାଟି ୨ଫୁଟ ଲମ୍ବର ନଡ଼ା ପ୍ରସ୍ତୁତ କରନ୍ତୁ । ପରେ ଏହାକୁ ୧୨-୨୪ ଘଣ୍ଟା ଯାଏଁ ପରିଷ୍କାର ପାଣିରେ ବତୁରାଇ ରଖନ୍ତୁ । ଏହାକୁ ବତୁରାଇବା ପୂର୍ବରୁ ପାଣି ମଧ୍ୟରେ ଚୂନ ପକାନ୍ତୁ । କାରଣ ଏହା ଦ୍ୱାରା ମାଇସେଲିୟମ ଭଲ ଭାବରେ ବଢ଼ିଥାଏ । ୧ ଲିଟର ପାଣିରେ ୨୦ଗ୍ରାମ ଚୂନ ମିଶାଇ ସେଥିରେ ବତୁରାଇବା ଦରକାର । ଏହା ପରେ ଗରମ ପାଣିରେ (ଉଷୁମ) ୧୫-୨୦ ମିନିଟ ବୁଡ଼ାଇ ଏହାକୁ ସେଥିରୁ କାଢ଼ି ଏକ ଉଚ୍ଚା ଜାଗା କିମ୍ବା କୌଣସି ଏକ ସ୍ଥାନରେ ଢ଼େରଣା ଦେଇ ରଖାଯାଏ । ଯେପରିକି ନଡ଼ାରୁ ସମ୍ପୂର୍ଣ୍ଣ ଭାବେ ପାଣି ଗଡ଼ିଯାଇଥିବ । ନଡ଼ାରୁ ପୁରା ପାଣି ନିଗିଡ଼ା ଗଲା ପରେ ଏହାକୁ ଚାରି ଭାଗ କରାଯାଏ ।

**ଭାଡ଼ି ପ୍ରସ୍ତୁତି** - ଭାଡ଼ିର ଚାରିପଟେ ୪ ଗୋଟି ଇଟା ଦେଇ ୨ଫୁଟ ଲମ୍ବ , ୨ ଫୁଟ ଓସାରର ବାଉଁଶ ବା କାଠରେ ଭାଡ଼ି କରାଯାଏ । ଭାଡ଼ିଠୁ ମାଟି ୬-୧୨ ଇଂଚ ଉଚ୍ଚାରେ ରହିବା ଆବଶ୍ୟକ । ନହେଲେ ପିମ୍ପୁଡ଼ି , ମୂଷାର ଭାଡ଼ିକୁ ଆକ୍ରମଣ କରିବାର ଭୟ ଥାଏ ।

**ମଂଜି** - ବୋତଲରେ ଥିବା ଛତୁ ବିହନକୁ ଭାଙ୍ଗି ବାହର କରାଯାଏ । ମଂଜି ଗୁଡ଼ିକୁ ଛୋଟ ଛୋଟ ଖଣ୍ଡରେ ବିଭକ୍ତ କରି ଏହାକୁ ଚାରି ଭାଗ କରାଯାଏ ।

**ବେଡ଼ ପ୍ରସ୍ତୁତି** - ପ୍ରସ୍ତୁତ କରାଯାଇଥିବା ଭାଡ଼ି ଉପରେ ପୂର୍ବ -ପଶ୍ଚିମ କରି ଏକ ଭାଗ ନଡ଼ା ବିଛାଇ ଦିଆଯାଏ । ଏପରି କଲେ ନଡ଼ା ଭୁସୁଡ଼ିବ ନାହିଁ । ନଡ଼ା ଉପରୁ ୫-୭ ସେମି ଛାଡ଼ି ଗୋଟିଏ ଭାଗଛତୁ ବିହନକୁ ଗୋଟି ଗୋଟି କରି ରଖାଯାଏ । ଏକ ଭାଗ ଡ଼ାଲି ଗୁଣ୍ଡକୁ ଏହି ମଂଜି ଉପରେ ସମାନ ଭାବରେ ରଖାଯାଏ । ଏହା ଛତୁ ଭାଡ଼ିର ପ୍ରଥମ ସ୍ତର । ଏହା ପରେ ପ୍ରଥମ ସ୍ତର ଉପରେ ଉତ୍ତର -ଦକ୍ଷିଣ କରି ଆଉ ଏକ ଭାଗ ନଡ଼ା ରଖାଯାଏ । ଏବଂ ପୁଣି ପ୍ରଥମ ସ୍ତର ପରି ଆଉ ଏକ ଭାଗ ମଂଜି ଓ ନାଲି ଗୁଣ୍ଡକୁ ପ୍ରୟୋଗ କରାଯାଏ । ଦ୍ୱିତୀୟ ସ୍ତର ଉପରେ ପୂର୍ବ ପଶ୍ଚିମ କରି ଆଉ ଏକ ଭାଗ ନଡ଼ା ରଖାଯାଏ । ଏହା ପରେ ବାକି ଥିବା ୨ ଭାଗ ବିହନ ଓ



ନାଲି ଗୁଣ୍ଡକ ପ୍ରୟୋଗ କରାଯାଏ । ଏହା ଛତୁ ବେଡ୍‌ର ତୃତୀୟ ସ୍ତର । ତୃତୀୟ ସ୍ତର ଉପରେ ଉତ୍ତର - ଦକ୍ଷିଣ ଦିଗରେ ପୁଣି ଏକ ଭାଗ ନଡ଼ା ବିଛାଇଦିଆଯାଏ । ଏପରି ଭାବେ ଚାରୋଟି ସ୍ତରକୁ ନେଇ ଗୋଟିଏ ବେଡ଼ ପ୍ରସ୍ତୁତ ହୋଇଥାଏ । ଏହା ପରେ ବେଡ଼କୁ ପଲିଥିନ ଦ୍ୱାରା ଘୋଡ଼ାଇ ଦିଆଯାଏ । ବେଡ଼ ପକାଇବାର ୪-୫ ଦିନ ପରେ - ପଲିଥିନ ଟେକି ବେଡ଼ର ବତରସ୍ତରକୁ ଅନୁଧ୍ୟାନ କରି ବତର କମ୍ ଥିଲେ ପାଣି ସ୍ପ୍ରେ କରିପାରିବେ । ୭-୧୦ ଦିନ ବେଳକୁ ଛତୁ ନଡ଼ା ଉପରେ ସମ୍ପୂର୍ଣ୍ଣ ମାଡ଼ି ଗଲେ ପଲିଥିନକୁ ବାହାର କରିଦିଆଯାଏ ।

**ଅମଳ ପ୍ରକ୍ରିୟା** - ବେଡ଼ ପକାଇବାର ୯-୧୦ ଦିନରେ ପ୍ରଥମ କଢ଼ ଦେଖାଦିଏ । ଏବଂ ଏହାର ୩-୪ ଦିନ ପରେ କଢ଼ ତୋଳାଯାଏ । କଢ଼ ଛତୁର ଚାହିଦା ବଜାରରେ ଅନେକ ଥାଏ । ତୋଳିବାର ଯଥାଶୀଘ୍ର ଏହାକୁ ବିକ୍ରି ପାଇଁ ନେବା ଆବଶ୍ୟକ । ନହେଲେ ଏହାର ଓଜନ କମିଯାଏ । ଗୋଟିଏ ଭାଡ଼ିରୁ ୨-୩ ଦିନ ଯାଏଁ ଅମଳ ମିଳିଥାଏ । ପ୍ରଥମ ପର୍ଯ୍ୟାୟର ୭-୮ ଦିନ ପରେ ପୁଣି ଫୁଟିଥାଏ । ଗୋଟିଏ ବେଡ଼ରୁ ୧-୧.୫ କିଗ୍ରା ଛତୁ ମିଳିପାରେ ।

# ଯୁବ ଉଦ୍ୟୋଗର ନୂଆ ସମ୍ଭାବନା : ମିଶ୍ରିତ ମାଛଚାଷ

**ଧାନ କ୍ଷେତରେ ମାଛ ଚାଷ**
ଭାରତ ବର୍ଷରେ ପ୍ରାୟ ୩.୧ ନିୟୁତ ହେକ୍ଟର ପରିମିତ ଉପକୂଳବର୍ତ୍ତୀ ଲୁଣି ଜମି ଅଛି ବୋଲି ଅଟକଳ କରାଯାଇଛି, ଯାହାକି ଉପକୂଳଠାରୁ ପ୍ରାୟ ୫୦ କିଲୋମିଟର ସ୍ଥଳଭାଗ ଭିତରକୁ ବିସ୍ତାର ଲାଭ କରିଅଛି । ଲୁଣି ଜୁଆର ପାଣି ସ୍ଥଳ ଭାଗରେ ଜମି ରହିବା ଏବଂ ତତ୍ ସହିତ ନଦୀ ମୁହାଣ, କେନାଲ ଓ ନଦୀ ଭିତରକୁ ସର୍ବଦା ସମୁଦ୍ର ଜଳର ପ୍ରବେଶ, ଉପରୋକ୍ତ ମାଟିର ଲବଣତାର ମୁଖ୍ୟ କାରଣ । ମାଟି ତଳର ଜଳସ୍ତର ସାଧାରଣତଃ କମ୍ ଗଭୀରରେ ଥାଏ ଓ ତାହା ବହୁ ପରିମାଣର ଦ୍ରବୀଭୂତ ଲବଣ ଧାଣ କରିଥାଏ । ଏହି ଭୂମଧ୍ୟସ୍ଥ ଲବଣ ମାଟି ଦ୍ୱାରା ଶୋଷି ହୋଇ ମାଟିର ଉପରି ଭାଗରେ ଆସି ଜମା ହୋଇଥାଏ । ତେଣୁ ବର୍ଷର ଶୁଖିଲା ଦିନମାନଙ୍କରେ ଏହି ମାଟି ବହୁତ ଲବଣାକ୍ତ ଥାଏ । ପ୍ରାୟ ସମୁଦାୟ ଉପକୂଳବର୍ତ୍ତୀ ଜମିଗୁଡ଼ିକ ବର୍ଷା ଉପରେ ନିର୍ଭର କରିଥାଏ ଓ ଏହି ଜମିରେ ବର୍ଷରେ କେବଳ ଗୋଟିଏ ଚାଷ କରାଯାଇଥାଏ । ମୁଖ୍ୟତଃ ବର୍ଷା ଦିନରେ ଏହି ମାଟିରେ ଲବଣ ଅଂଶ କମ୍ ଥାଏ ଓ ଖରିଫ୍ ଧାନ ଚାଷ କରାଯାଇଥାଏ । ବର୍ଷର ଅବଶିଷ୍ଟ ସମୟରେ ଅଧିକ ଲବଣ ଏବଂ ଜଳସେଚନର ଅଭାବ ଯୋଗୁଁ ଏହି ଜମିଗୁଡ଼ିକ ସାଧାରଣତଃ ଖାଲି ପଡ଼ିଥାଏ ।

ପୁନଶ୍ଚ ଏହି ଧାନଜମି ଗୁଡ଼ିକରେ ଧାନଚାଷ ସଂପୂର୍ଣ୍ଣ ବର୍ଷାଜଳ ଉପରେ ନିର୍ଭର କରିଥାଏ ଓ ପ୍ରତି ବର୍ଷ ଆଶା ଜନକ ଅମଳ ହୋଇପାରେ ନାହିଁ । ଏକକାଳୀନ ଧାନ ଓ ମାଛଚାଷ କରିବାର ମୁଖ୍ୟ ଲକ୍ଷ୍ୟ ହେଉଛି, ଖରିଫ୍ ଧାନଚାଷରେ କ୍ଷତି ନଘଟାଇ ବର୍ଷରେ ଖାଲି ପଡୁଥିବା ସମୟରେ ଉପରୋକ୍ତ ମାଛଚାଷ କରିବା ।

ପଶ୍ଚିମବଙ୍ଗରେ ନଦୀମୁହାଣର ଉପରିଭାଗ ଓ ମଧ୍ୟଭାଗରେ ଯେଉଁଠାରେ ଜଳର ଲୁଣି ଅଂଶ କମ୍ ବା ମଧୁର ଜଳର ପ୍ରବେଶ ହେତୁ ଲୁଣି ଭାଗ କମ୍ ଥାଏ, ସେହି ଅଞ୍ଚଳ ଧାନ ଜମିମାନଙ୍କରେ ମାଛଚାଷ କରିବା ପଦ୍ଧତି ପ୍ରଚଳିତ । କେରଳର ପୋକାଲି ଚାଷ ଜମିରେ ଖରାଦିନେ ଖାଲି ପଡୁଥିବା ଜମିଗୁଡ଼ିକ କୃଷକମାନଙ୍କ ଦ୍ୱାରା ମାଛ ଚାଷ ଦ୍ୱାରା ବିନିଯୋଗ କରାଯାଇଥାଏ । ଏହି ପ୍ରକାର ଚାଷରେ ବାର୍ଷିକ ପ୍ରାୟ ୩୦୦ ରୁ ୧୦୦୦ କି.ଗ୍ରା. ମାଛ ପ୍ରତି ହେକ୍ଟରରୁ ଆମଦାନୀ କରାଯାଇଥାଏ ।

**ମାଛଚାଷ ସହ ଗାଈ ପାଳନ:**
ଏହି ପ୍ରଣାଳୀ ନିମିତ୍ତ ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀ ପାଇଁ ୩ ଗୋଟି ସଙ୍କର ଜାତୀୟ ଦୁଆଳୀ ଗାଈ ସହ ସେମାନଙ୍କର ବାଛୁରୀ ଗୁଡ଼ିକୁ ହୁଡ଼ା ଉପରେ ଗୁହାଳ କରି ପାଳନ କରାଯାଇଥାଏ । ଗାଈମାନଙ୍କର ମଳମୂତ୍ର ଓ ଗୁହାଳ ଧୁଆ ପାଣି ନାଳି ସାହାଯ୍ୟରେ ପୋଖରୀ ଜଳକୁ ନିଷ୍କାସିତ କରାଯାଏ ଏବଂ ପୋଖରୀର ପଙ୍କ, ହୁଡ଼ା ଉପରେ ପକାଇ ହାତୀଆ, ବସିମ୍, ନାପିଅର, ଷ୍ଟାଇଲୋ ପ୍ରଭୃତି ଘାସ ଚାଷ କରାଯାଏ ଏବଂ ଏହି ଘାସକୁ ପ୍ରତିଦିନ ଗାଈ ପିଛା ୨୫ କି.ଗ୍ରା. ହିସାବରେ କାଟି ଖାଇବାକୁ ଦିଆଯାଇଥାଏ । ଏପରି ମାଛ ଚାଷ କରିବା ଦ୍ୱାରା ବର୍ଷକୁ ଏକର ପିଛା ୩,୦୦୦ ଲିଟର କ୍ଷୀର ଉତ୍ପାଦନ ହୋଇପାରିବା ସଙ୍ଗେ ସଙ୍ଗେ ୧୮ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ ମିଳିଥାଏ ।

**ମାଛ ଚାଷ ସହ ଛେଳି ପାଳନ:**
ଛେଳି ଲଣ୍ଡିରେ ଗୋବରଠାରୁ ଅଧିକ ପରିମାଣର ଯବକ୍ଷାରଜାନ ଓ ପଟାସ ଗୁଣସାର ରହିଥାଏ । ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀରେ ମାଛଚାଷ ପାଇଁ ହୁଡ଼ା ଉପରେ ୧୫-୧୬ ଗୋଟି ଛେଳି ପାଳନ କରାଯାଇଥାଏ । ପ୍ରତ୍ୟେକ ଦିନ ଏମାନଙ୍କର ମୂତ୍ରସହ ଲଣ୍ଡି ଗୁଡ଼ିକୁ ଗୁହାଳ ଧୁଆ ପାଣି ସହ ନାଳି ସାହାଯ୍ୟରେ ପୋଖରୀରେ ପକାଯାଇଥାଏ । ଛେଳିମାନଙ୍କୁ ପ୍ରତ୍ୟେକ ଦିନ ହୁଡ଼ାରେ ହେଉଥିବା ଘାସ, ଶାଗ ପତ୍ର, କୋବି ପତ୍ରକୁ କାଟି ଖାଇବାକୁ ଦିଆଯାଇଥାଏ । ଏହା ଛଡ଼ା କୃତ୍ରିମ ଶୁଖିଲା ସୁଷମ ଖାଦ୍ୟ ମଧ୍ୟ ଛେଳିଙ୍କୁ ଖାଇବାକୁ ଦିଆଯାଏ । ଏହାଦ୍ୱାରା ଛେଳି ଦୁଗ୍ଧ ସହ ମାଂସ ଉତ୍ପାଦିତ ହୋଇପାରିବା ସଙ୍ଗେ ସଙ୍ଗେ ପୋଖରୀରେ ବିନା କୃତ୍ରିମ ମାଛଖାଦ୍ୟ ଓ ରାସାୟନିକ ସାର ପକାଯାଇ ଏକର ପିଛା ୧୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ କରିହେବ ।


**ମାଛଚାଷ ସହ ବତକ ପାଳନ:**
ବତକ ଗୁଡ଼ିକ ପୋଖରୀରୁ ସେମାନଙ୍କ ଆବଶ୍ୟକ ହେଉଥିବା ନୈନିକ ଖାଦ୍ୟ ପରିମାଣର ତିନି ଚୁତର୍ଥାଂଶ ସଂଗ୍ରହ କରି ଖାଇ ବଢ଼ିଥାନ୍ତି । ଏଣୁ ମାଛଚାଷ ସହ ବତକ ପାଳନ କଲେ ଉଭୟ ପରସ୍ପରଠାରୁ ଉପକାର ପାଇ କମ୍ ଖର୍ଚ୍ଚରେ ଅଧିକ ଲାଭ ଦେଇଥାନ୍ତି । ଏକ ଏକର ଜଳାୟତନ ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ୧୦୦ ଗୋଟି ଦୁଇମାସିଆ ବତକ ଛୁଆ କିଣି ହୁଡ଼ା ଉପରେ ଝାଟିମାଟି ଘରେ କିମ୍ବା ପାଣି ଭିତରେ ଭାସମାନ ମଞ୍ଚା ଘରେ ରଖି ପାଳନ କରାଯାଇଥାଏ । ବତକ ସହ ମାଛଚାଷ କରାଯାଉଥିବା ପୋଖରୀରେ ଏକର ପିଛା ୮ ସେ.ମି.ରୁ ଉର୍ଦ୍ଧ୍ୱ ଆକାରର ୩୦୦୦ ସଂଖ୍ୟାର ବିଶୁଦ୍ଧ, ନୀରୋଗ, ଜାତିଆ ମିଶ୍ରିତ ମାଛ ଯାଆଁଳ ଛାଡ଼ିବାକୁ ପଡ଼ିଥାଏ । ଇଞ୍ଚିକିଆ ଯାଆଁଳ ଛାଡ଼ିଲେ ଏହାକୁ ବତକ ଖାଇଯିବାର ସମ୍ଭାବନା ଅଧିକ ଥାଏ । ମାଛଚାଷ ପୋଖରୀ ନିକଟରେ ଯଦି ନର୍ସରୀ ବା ଇୟରଲିଙ୍ଗ ପୋଖରୀ ଥାଏ, ତା ହେଲେ ତା ଉପରେ ଛିଣ୍ଡାଜାଲ ଆଚ୍ଛାଦିତ କରି ରଖିବା ଉଚିତ୍ । ବତକ ଗୁଡ଼ିକ ପୋଖରୀରେ ପହଁରୁଥିବା ଅବସ୍ଥାରେ ମଳତ୍ୟାଗ କରନ୍ତି । ଏହାଛଡ଼ା ଏମାନେ ପୋଖରୀରେ ପହଁରିବା ଦ୍ୱାରା ପାଣିରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ବଢ଼ିଥାଏ । ଏମାନେ ଖାଦ୍ୟ ସଂଗ୍ରହ ସମୟରେ ପୋଖରୀରେ ବୁଡ଼ି ପଙ୍କକୁ ଥଣ୍ଟଦ୍ୱାରା ଘାଣ୍ଟିବା ଦ୍ୱାରା ପଙ୍କରେ ଆବଦ୍ଧ ଅବସ୍ଥାରେ ଥିବା ମୌଳିକ ଗୁଣସାର ଗୁଡ଼ିକ ଜଳସ୍ତରକୁ ଅପସାରିତ ହୋଇଥାଏ । ଏମାନେ ପୋଖରୀରୁ ଛୋଟ ଛୋଟ ଉଦ୍ଭିଦ, ପୋକଜୋକ, ଗେଣ୍ଡା ପ୍ରଭୃତି ଖାଇ ପୋଖରୀ ଜଳ ପରିବେଶ ପରିଷ୍କାର ରଖୁଥାଆନ୍ତି । ଏମାନଙ୍କ ମଳରେ ଥିବା ଅଧା ହଜମ ଖାଦ୍ୟକୁ ମାଛମାନେ ସିଧାସଳଖ ଖାଇଥାଆନ୍ତି । ଏହିଭଳି ସମନ୍ୱିତ ଚାଷରୁ ବର୍ଷକୁ ଏକର ପିଛା ୧୬ କ୍ୱିଣ୍ଟାଲ ମାଛ, ୬୦୦୦ ଅଣ୍ଡା ଏବଂ ୨ କ୍ୱିଣ୍ଟାଲ ବତକ ମାଂସ ମିଳିଥାଏ । ଏଥିପାଇଁ ଚୂନ ବ୍ୟତୀତ ଅନ୍ୟ କୌଣସି ପୂରକ ଆହାର ବା ରାସାୟନିକ ସାର ପୋଖରୀରେ ପକାଇବାକୁ ପଡ଼ି ନଥାଏ ।

**ମାଛଚାଷ ସହ କୁକୁଡ଼ା ପାଳନ:**
ପୋଖରୀ ହୁଡ଼ାରେ ତାର ଜାଲି ଦିଆ କାନ୍ଥ ସହ ଚାଳଛପର ଘରଟିଏ କରି ମାଂସଳ (ବ୍ରଏଲର) କିମ୍ବା ଅଣ୍ଡାଦିଆ (ଲେୟାର) କୁକୁଡ଼ା ପାଳନ କରାଯାଇପାରେ । ଏହି ଘର ଚଟାଣ ଉପରେ ୬ ଇଞ୍ଚ ବହଳର ଚଷୁ ବିଛାଇ ଦିଆଯାଏ । ଏହାପରେ ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ୨ ମାସ ବୟସର ପ୍ରତିଷେଧକ ଟୀକାପ୍ରାପ୍ତ ଚିଆଁ ୨୦୦ ଗୋଟି ଏକ ଏକର ଜଳାୟତନ ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ପାଳନ କରାଯାଇଥାଏ । ଏମାନେ ୫ ମାସ ବେଳକୁ ଅଣ୍ଡାଦେବା ଆରମ୍ଭ କରିଥାନ୍ତି ଏବଂ ଦେଢ଼ବର୍ଷ ପର୍ଯ୍ୟନ୍ତ ଏମାନଙ୍କ ଅଣ୍ଡଦିଆ କ୍ଷମତା ଠିକ୍ ରୁହେ । ଏହାପରେ ଏମାନଙ୍କୁ ବିକ୍ରୟ କରିଦେବା ଉଚିତ୍ । ଯଦି ମାଂସଳ କୁକୁଡ଼ା ପାଳନ କରାଯାଏ, ତା ହେଲେ ଗୋଟିଏ ଥରରେ ଦିନିକିଆ ଚିଆଁ ୨୦୦ ଗୋଟି କିଣାଯାଇ ୪୫-୪୬ ଦିନ ପରେ ମାଂସ ପାଇଁ ବିକ୍ରୟ କରିଦିଆଯାଏ । ଏହିଭଳି ବର୍ଷକ ମଧ୍ୟରେ ୫ ଥର ମାଂସଳ କୁକୁଡ଼ା ପାଳନ କରି ବିକ୍ରୟ କରାଯାଇପାରେ । ଏହି କୁକୁଡ଼ା ଗୁଡ଼ିକ ପାଇଁ ବଜାରରେ ବିଭିନ୍ନ କମ୍ପାନୀ ଗୁଡ଼ିକର କ୍ରମ୍ବଲ୍ ବା ଦାନାଦାର ଏବଂ ପେଲେଟ୍ ଖାଦ୍ୟ ମିଳୁଛି । ତାକୁ କିଛି ଅନୁମୋଦିତ ହାରରେ କୁକୁଡ଼ାଙ୍କୁ ଖାଇବାକୁ ଦିଆଯାଏ । ଏହାଛଡ଼ା ମାଂସଳ କୁକୁଡ଼ା ପାଇଁ ରାଣୀକ୍ଷେତ୍ର, କକ୍ସିଡ଼ିଓସିସ୍ ପ୍ରଭୃତି ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଠିକ୍ ସମୟରେ ନିଆଯିବା ଉଚିତ୍ । କୁକୁଡ଼ା ଘରେ ବିଛା ଯାଇଥିବା ଚଷୁ ଦୁଇମାସ ପରେ ଖତରେ ପରିଣତ ହୋଇଥାଏ । ସେଗୁଡ଼ିକ ସିଧାସଳଖ ପୋଖରୀରେ ପକାଯାଇଥାଏ । ପୋଖରୀ ଜଳରେ ନେଳି ସୃଷ୍ଟି ହେଲେ ଏହି ଖତ ପକାଇବା ସ୍ଥଗିତ ରଖି ଏକର ପିଛା ୮୦ କି.ଗ୍ରା. କାର୍ବୋନେଟ୍ ଚୂନ ରାତିସାରା ବତୁରାଯାଇ ସକାଳେ ପ୍ରୟୋଗ କରିବାକୁ ପଡ଼ିଥାଏ । ଏହି ସମନ୍ୱିତ ଚାଷ ଦ୍ୱାରା ଚୂନ ବ୍ୟତୀତ ଆଉ କୌଣସି କୃତ୍ରିମ ମାଛ ଖାଦ୍ୟ ବା ରାସାୟନିକ ସାର ନ ପକାଯାଇ ବାର୍ଷିକ ଏକର ପିଛା ୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ ମିଳିଥାଏ । ଏତଦ୍ ?ବ୍ୟତୀତ ଅଣ୍ଡାଦିଆ କୁକୁଡ଼ା ପାଳନ କରାଯାଉଥିଲେ ଏକର ପିଛା ବର୍ଷକୁ ଅତିରିକ୍ତ ୨୮୦୦୦ ଅଣ୍ଡା ଓ ୫୦୦ କି.ଗ୍ରା. କୁକୁଡ଼ା ମାଂସ ଏବଂ ମାଂସଳ କୁକୁଡ଼ା ପାଳନ କରାଯାଉଥିଲେ
୧୫୦୦ କି.ଗ୍ରା. ପର୍ଯ୍ୟନ୍ତ କୁକୁଡ଼ା ମାଂସ ଆମଦାନୀ ମିଳିଥାଏ । ବର୍ତ୍ତମାନ ଅନେକ ଚାଷୀଭାଇ ପୋଖରୀ ହୁଡ଼ା ଉପରେ ଝାଟିମାଟି ଘରଟିଏ କରି ବିଭିନ୍ନ ରଙ୍ଗିନ୍ ପ୍ରଜାତିର କୁକୁଡ଼ା ଯଥା – ବନରାଜା, ଗ୍ରାମପ୍ରିୟ, କୃଷ୍ଣପ୍ରିୟ, ଗିରିରାଜ, ବ୍ଲ୍ୟାକର, କୋଡ଼ନାଥ, ପ୍ରଭୃତିଙ୍କୁ ଉଭୟ ମାଂସ ଓ ଅଣ୍ଡା ପାଇଁ ପାଳନ କରୁଅଛନ୍ତି ।

**ଅନିଲ କୁମାର ମିଶ୍ର**
ଭୁବନେଶ୍ୱର, ଓଡ଼ିଶା

ମାଛଚାଷ ରେ କେବଳ ଥରେ ମାଛ ଯାଆଁଳ ପୋଖରୀ ବା ଗାଡ଼ିଆରେ ଛାଡ଼ି ଦେଇ ବର୍ଷ ? ଛଅ ମାସ ବ୍ୟବଧାନରେ ସେଥିରୁ ଆମଦାନୀ କରିବାକୁ ମାଛଚାଷ କୁହାଯାଏ ନାହିଁ । ଏହା ଅନ୍ଧାରରେ ବାଡ଼ି ବୁଲେଇବା ସହ ସମାନ । ଲାଭଜନକ ଭାବରେ ମାଛଚାଷ କରିବାକୁ ହେଲେ ଆପଣଙ୍କୁ ନୂଆ ନୂଆ ଧରଣର ମାଛଚାଷର ପଦ୍ଧତିକୁ ଅନୁସରଣ କରିବାକୁ ପଡ଼ିଥାଏ, ଯଥା : ବ୍ୟବହାରିକ ମାଛଚାଷ, ସଘନ ପ୍ରଣାଳୀରେ ମାଛଚାଷ ଅଥବା ମିଶ୍ରିତ ମାଛଚାଷ ଇତ୍ୟାଦି । ଉପରୋକ୍ତ ଚାଷ ପ୍ରଣାଳୀ ମଧ୍ୟରୁ ମିଶ୍ରିତ ମାଛଚାଷ ପ୍ରଣାଳୀ ଆଜି ଆମ ଦେଶରେ ବହୁତ ଭାବରେ କରାଯାଉଛି, ଏହାର କାରଣ ଆପଣ ଯଦି ମିଶ୍ରିତ ମାଛଚାଷ କରନ୍ତି ତେବେ ମାଛ ସଙ୍ଗେ ସଙ୍ଗେ ସେହି ସ୍ଥାନରୁ ଆପଣ ଏକାଧାରରେ ମାଛ, ମାଂସ, ଅଣ୍ଡା, ଦୁଗ୍ଧ, ପନିପରିବା, ଫଳ ଇତ୍ୟାଦି ପାଇପାରିବେ ।

ତେଣୁ ଆସନ୍ତୁ ବର୍ତ୍ତମାନ ମିଶ୍ରିତ ମାଛର ପ୍ରଣାଳୀ ବିଷୟରେ କିଛି ଅଧିକ ଜାଣିବା । ମିଶ୍ରିତ ମାଛଚାଷରେ ଧାନ ଏବଂ ମାଛ, କୁକୁଡ଼ା ଏବଂ ମାଛ, ଗାଈ ଏବଂ ମାଛି, ବତକ ଏବଂ ମାଛଚାଷ ଏକା ସାଙ୍ଗରେ କରାଯାଇଥାଏ ।ଆପଣଙ୍କ ପୋଖରୀ ଚାରିପଟେ ଥିବା ବନ୍ଧରେ ସାଧାରଣତଃ ଆପଣ ଘାସ ଲଗାଇଥାନ୍ତି କାରଣ ବନ୍ଧ ଯଦି ଘାସ ଦ୍ୱାରା ଆବୃତ ହୋଇ ନଥାଏ ତେବେ ବନ୍ଧରୁ ମାଟି ଅତଡ଼ା ଖସିବା ସଙ୍ଗେ ସଙ୍ଗେ ମୃତ୍ତିକା କ୍ଷୟ ହୋଇଥାଏ । କିନ୍ତୁ ଏହି ଘାସ ଆପଣଙ୍କର କୌଣସି ଦରକାରୀ କାମରେ ଆସେ ନାହିଁ, ଯଦି ଆପଣ କିଛି ଗାଈ ରଖନ୍ତି ତେବେ ଗାଈ ଘାସ ଖାଇବେ ଏବଂ ଗାଈର ଗୋବରକୁ ଆପଣ ପୋଖରୀରେ ଖତ ଭାବରେ ବ୍ୟବହାର କରିପାରିବେ । ଯଦି ପୋଖରୀ ବନ୍ଧରେ ଆପଣ ନଡ଼ିଆ, କାଜୁବାଦାମ, ଗୁଆ, ଅନ୍ୟାନ୍ୟ ପନିପରିବା ଲଗାନ୍ତି ତେବେ ଏକ ସଙ୍ଗରେ ଆପଣ ପୋଖରୀରୁ ପାଣି ଦେଇ ଗଛମାନଙ୍କୁ ବଢ଼ାଇପାରିବା ସଙ୍ଗେ ସଙ୍ଗେ ଏହାର ଫଳ ଇତ୍ୟାଦି ବିକ୍ରୀ କରି ଆପଣ ମାଛଛଡ଼ା ଆଉ ଦୁଇ ପଇସା ଅଧିକ ରୋଜଗାର କରିପାରିବେ । ମାଛଚାଷ ହେଉଥିବା ପୋଖରୀରେ



ଜଳ, ଗେଣ୍ଡା, ଶାମୁକା ଇତ୍ୟାଦି ରୁହନ୍ତି, ଆପଣ ଯଦି କିଛି କୁକୁଡ଼ା ବା ବତକ ରଖୁବେ ତେବେ ବତକମାନେ ପୋଖରୀ ପାଣିକୁ ସଫା ରଖିବା ସଙ୍ଗେ ସଙ୍ଗେ ସେମାନେ ପୋଖରୀରେ ମଳତ୍ୟାଗ କରନ୍ତି ଯାହା କି ସାର ରୂପରେ ବ୍ୟବହାର ହୋଇଥାଏ । ସାର ପକାଇବା ପାଇଁ ଆପଣଙ୍କୁ ଅଧିକ ପରିଶ୍ରମ ବା ପାରିଶ୍ରମିକ ଦେବାକୁ ହୋଇ ନଥାଏ ଏବଂ ତତ୍ ସଙ୍ଗେ ସଙ୍ଗେ ଏମାନଙ୍କର ଅଣ୍ଡା ବା ମାଂସ ଆପଣ ବିକ୍ରୟ କରିପାରିବେ । ଯଦି କୁକୁଡ଼ା ରଖନ୍ତି ତେବେ କୁକୁଡ଼ାମାନଙ୍କୁ ପୋଖରୀରେ ବଢୁଥିବା ଗେଣ୍ଡା, ଶାମୁକା ଇତ୍ୟାଦି ଖାଇବାକୁ ଦିଅନ୍ତୁ । କୁକୁଡ଼ାର ମଳ ମଧ୍ୟ ଆପଣ ପୋଖରୀରେ ବ୍ୟବହାର କରି ଲାଭବାନ୍ ହେବେ । ତେଣୁ ମିଳିତ ମାଛଚାଷରେ ପଶୁଧନ ପାଳନରୁ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ଯଥା – ଗୋବର, ଛେଳିଲଣ୍ଡି, କୁକୁଡ଼ା ଖତ ପ୍ରଭୃତି ମାଛଚାଷ ପାଇଁ ଜୈବିକ ସାର ରୂପେ ବ୍ୟବହାର ହୋଇ ପାରିବା ସଙ୍ଗେ ସଙ୍ଗେ ପୋଖରୀର ଜଳ ଓ ଜୈବିକ ଗୁଣ ସାରଯୁକ୍ତ ପଙ୍କକୁ ବିଭିନ୍ନ ଫସଲ ପାଇଁ ବିନିଯୋଗ କରାଯାଇପାରେ । ଏହାଦ୍ୱାରା ଆବର୍ଜନା ପୁନଃଚକ୍ରୀକରଣ ହୋଇ ଏକ ସୁସ୍ଥ ପରିବେଶ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଏକକ ଆୟତନ ବିଶିଷ୍ଟ ଜମିରୁ ଅଧିକ ଅମଳ ମିଳିପାରିଥାଏ ।






# ଆଇନର ବ୍ୟବସ୍ଥା ଓ ବ୍ୟବଚ୍ଛେଦ ରିପୋର୍ଟ ପାଇଁ ଚାରିବର୍ଷ !



ଯେଉଁ ଦିନ ଶବ ବ୍ୟବଚ୍ଛେଦ ହେବ, ସେହିଦିନ ହିଁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା କଥା। କିନ୍ତୁ କଟକ ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ରିପୋର୍ଟ ମିଳିବାକୁ ଚାରିବର୍ଷ ଲାଗି ଯାଉଛି। ଭେସେରା ଓ ଡାଏଟମ ରିପୋର୍ଟ ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବରେଟୋରିକୁ ଆସିବାରେ ବି ସମାନ ସ୍ଥିତି। ବଡ଼ ଡାକ୍ତରଖାନାରେ ୨୦୧୯ରୁ ଆଜି ସୁଦ୍ଧା ମୋଟ ୫୮୪ଟି ଶବର ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ ହୋଇପାରିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ବ୍ୟବଚ୍ଛେଦ ଦିନ ମିଳିବା ବଦଳରେ ଏମିତି ବର୍ଷ ବର୍ଷ ଧରି ପଡ଼ି ରହିବା ଫଳରେ ଚାର୍ଜସିଟ ଦାଖଲ ତ ବିଳମ୍ବ ହେଉଛି, ଅପରାଧୀ ବି ସହଜରେ ଖସି ଯାଉଛନ୍ତି।

ଯେଉଁ ମୃତ୍ୟୁ ମାମଲାରେ କୌଣସି ପ୍ରକାର ଜଟିଳତା ନଥାଏ, ସେହି ମାମଲାରେ ଶବ ବ୍ୟବଚ୍ଛେଦ ରିପୋର୍ଟ କଟକ ବଡ଼ ଡାକ୍ତରଖାନାର ଏଫଏମଟି ବିଭାଗର ଡାକ୍ତର ସେହିଦିନ ହିଁ ଦେବା କଥା। ଯେଉଁ ମୃତ୍ୟୁରେ କୌଣସି ଜଟିଳତା ଥାଏ, ଯେଭଳି କି ପାଣିରୁ ଅଚିହ୍ନା ଶବ ଉଦ୍ଧାର ହୋଇଥିଲେ ପ୍ରକୃତରେ ଏହା ହତ୍ୟା ନା ଆତ୍ମହତ୍ୟା ଜାଣିବା ପାଇଁ ଭୁବନେଶ୍ୱର ରସୁଲଗଡ଼ ଫରେନସିକ ସାଇନ୍ସ ଲାବରେଟୋରୀକୁ ଡାଏଟମପରୀକ୍ଷା ପାଇଁ ଡାକ୍ତର ପଠାଇଥାନ୍ତି। ଡାଏଟମ ପରୀକ୍ଷାରେ ଶବର ପେଟରୁ ସଂଗ୍ରହ ହୋଇଥିବା ପାଣି ଓ ଉକ୍ତ ଜଳାଶୟର ପାଣିକୁ ମେଳ କରାଯାଏ। ସେହିଭଳି ରାସ୍ତା ପାର୍ଶ୍ୱରୁ କୌଣସି ବ୍ୟକ୍ତିଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ହୋଇଥିଲେ ବ୍ୟବଚ୍ଛେଦ ସହିତ ଲାବରେଟୋରୀକୁ ଭେସେରା ପରୀକ୍ଷା ପାଇଁ ପଠାଯାଏ। କୌଣସି ପ୍ରକାର ବିଷକ୍ରିୟା ସମ୍ପର୍କରେ ଏଥିରୁ ଜଣାପଡ଼ିଥାଏ। ଏବେ ଉଭୟ ବଡ଼ ଡାକ୍ତରଖାନା ଓ ରସୁଲଗଡ଼ ଫରେନସିକ ସାଇନ୍ସ ଲାବରେଟୋରୀ ପୁଲିସ ପାଇଁ ଅଡୁଆ ହେଲେଣି। ଅନେକ ଘଟଣାରେ ମୃତ୍ୟୁର କାରଣ ସ୍ପଷ୍ଟ ଥିବା ସତ୍ତ୍ୱେ କେବଳ ବ୍ୟବଚ୍ଛେଦ ରିପୋର୍ଟ ବଡ଼ ଡାକ୍ତରଖାନା ଦେବାକୁ ମାସ ମାସ ସମୟ ଲଗାଇ ଦେଉଛି।

ଡାଏଟମ କିମ୍ବା ଭେସେରା ପରୀକ୍ଷା ରିପୋର୍ଟ ଫରେନସିକ ଲାବରେଟୋରୀରୁ ଆସିବାକୁ ତ ଏକ ବର୍ଷ ଲାଗିଯାଉଛି। ଭେସେରା ନମୁନା ଲାବରେଟୋରୀରେ ମାସ ମାସ ପଡ଼ି ରହୁଥିବାରୁ ମାଂସ ପଚି ସଡ଼ି ଯାଉଥିବାବେଳେ ଶେଷରେ କୌଣସି ରିପୋର୍ଟ ଆଦୌ ଆସୁନାହିଁ। ଲାବରେଟୋରୀ ରିପୋର୍ଟ ଆସି ନଥିବା ଆଳରେ ଡାକ୍ତର ବ୍ୟବଚ୍ଛେଦ ରିପୋର୍ଟରେ ବି କୌଣସି ପ୍ରକାର ମତ ଦେଉନାହାନ୍ତି। ପୁଲିସ ତଥ୍ୟ ଅନୁଯାୟୀ ୨୦୧୯ରେ ୨୫୫୫ଟି, ୨୦୨୦ରେ ୨୩୧୧ଟି, ୨୦୨୧ରେ ୨୭୨୬ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ୨୦୨୨ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୫୩୪ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେଥିରୁ ୨୦୧୯ରେ ୫ଟି ମାମଲାର ବ୍ୟବଚ୍ଛେଦ ରିପୋର୍ଟ ଏ ଯାଏ ମଙ୍ଗଳାବାଗ ଥାନା ପୁଲିସର ହସ୍ତଗତ ହୋଇନାହିଁ। ସେହିଭଳି ୨୦୨୦ର ୫ଟି , ୨୦୨୧ର ୧୬୭ଟି ଏବଂ ୨୦୨୨ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୪୦୭ଟି ରିପୋର୍ଟ ଏଯାଏ ହସ୍ତଗତ ହୋଇନାହିଁ। ମୋଟ ୫୮୪ ମାମଲାରେ ରିପୋର୍ଟ ଗଲା ୪ ବର୍ଷ ଭିତରେ ପୁଲିସର ହସ୍ତଗତ ହୋଇନାହିଁ।

ଶବ ବ୍ୟବଚ୍ଛେଦ ରିପୋର୍ଟ ସମ୍ପର୍କରେ ନିୟମ ପୁରା ସ୍ପଷ୍ଟ। ଯେଉଁଦିନ ଡାକ୍ତରଖାନାକୁ ପୁଲିସ ଶବ ନେଇ ଯାଉଛି, ସେହିଦିନ ବ୍ୟବଚ୍ଛେଦ କରି ରିପୋର୍ଟ ସମ୍ପୃକ୍ତ ପୁଲିସଙ୍କୁ ଡାକ୍ତର ଦେବାକଥା। ବ୍ୟବଚ୍ଛେଦ ରିପୋର୍ଟରେ ଥିବା କନକ୍ଲୁଜନରେ ଡାକ୍ତର ସର୍ବାଧିକ ୭ରୁ ୮ ଧାଡ଼ି ଲେଖିବାକୁ ପଡ଼େ। କିନ୍ତୁ ଡାକ୍ତରଙ୍କ ଢ଼ିଲାପଣ ଯୋଗୁଁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ବିଳମ୍ବ ହେଉଛି। ଭେସେରା କିମ୍ବା ଡାଏଟମ ପରୀକ୍ଷା ରିପୋର୍ଟ ଫରେନସିକ ସାଇନ୍ସ ଲାବରେଟୋରୀରୁ ସର୍ବାଧିକ ୧୫ ଦିନ ଭିତରେ ହୋଇଯିବା କଥା। କିନ୍ତୁ ସେଠି ରିପୋର୍ଟ ୮ ମାସରୁ ଅଧିକ କାଳ ପଡ଼ି ରହୁଛି।

ବ୍ୟବଚ୍ଛେଦ ରିପୋର୍ଟ ବିଳମ୍ବରେ ଆସୁଥିବାରୁ ମାମଲାର ତଦନ୍ତ ବିଳମ୍ବ ସହିତ କୋର୍ଟରେ ଶୁଣାଣି ପ୍ରକ୍ରିୟାରେ ବି ବିଳମ୍ବ ହେଉଛି। ଅନେକ ମାମଲାରେ ପ୍ରାଥମିକ ଭାବେ ଅପମୃତ୍ୟୁ ମାମଲା ପୁଲିସ ରୁଜୁ କରିଥାଏ। କିନ୍ତୁ ପରେ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ଏହା ହତ୍ୟା ମାମଲାକୁ ବଦଳିଯାଏ। ବ୍ୟବଚ୍ଛେଦ ରିପୋର୍ଟ ତୁରନ୍ତ ନ ଆସିଲେ ହତ୍ୟା ମାମଲାର ଅନେକ ପ୍ରମାଣ ନଷ୍ଟ ହୋଇଯାଇଥାଏ।

**ଆଦିତ୍ୟ କୁମାର ମହାନ୍ତି**
*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୦୦୮୯୧୨*

# ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ଅଭିନବ ପ୍ରୟାସ



କେନ୍ଦ୍ରାପଡ଼ା (ପିଏନ୍): ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସୌଜନ୍ୟରେ ଗତ ଫେବୃୟାରୀ ମାସ ୨ୟ ରବିବାରଠାରୁ ପ୍ରତ୍ୟେକ ରବିବାର ଆଖପାଖ ବିଦ୍ୟାଳୟର ଦଶମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଚଳିତ ୨୦୨୨ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କୃତିତ୍ୱ ସହ ସଫଳ ହେବା ପାଇଁ ବରିଷ୍ଠ, ଅଭିଜ୍ଞ ତଥା ପ୍ରବୀଣ ଶିକ୍ଷକମାନଙ୍କୁ ନେଇ ଶିକ୍ଷାଦାନ କରାଯାଇଆସୁଛି। ଭୁବନେଶ୍ୱର ପାହାଳସ୍ଥିତ କ୍ୟାରିୟର ଫୋକସ ଏଜୁକେଶନାଲ ଗ୍ରୁପର ପ୍ରତିଭାସମ୍ପନ୍ନ ପ୍ରବୀଣ ଶିକ୍ଷକ ମଣ୍ଡଳୀମାନଙ୍କ ଦ୍ୱାରା ଶିକ୍ଷାଦାନ ଅତି ଉଚ୍ଚକୋଟୀର ଓ ଆକର୍ଷଣୀୟ ଥିଲା। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଇଂରାଜୀ ଓ ଗଣିତ ଇତ୍ୟାଦି ବିଷୟରେ ଖେଳକୁଦ ମାଧ୍ୟମରେ ଶେଷଦେବ ପ୍ରଧାନ, ସୁରେଶ କୁମାର ସିଂ, ପ୍ରସାଦ ରଞ୍ଜନ ପାତ୍ର ଓ ସୁଦର୍ଶନ ମହାପାତ୍ର ପ୍ରମୁଖ ପିଲାମାନଙ୍କୁ ଶିକ୍ଷାଦାନ କରିଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ପ୍ରଣବ କୁମାର ଜେନା ଆଗନ୍ତୁକ ଶିକ୍ଷକମଣ୍ଡଳୀ ଓ ୨୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ଏକଶହରୁ ଉର୍ଦ୍ଧ୍ୱ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଜୁକେଶନାଲ ଗ୍ରୁପର ରାକେଶ ସିଂ, ହୃଷିକେଶ ସାହୁ, କ୍ଷୀରାବ୍ଧି ପଟ୍ଟନାୟକଙ୍କ ସମେତ ପୁରାତନ ଛାତ୍ର ସଂସଦର ଉପ ସଭାପତି ଶିକ୍ଷାବିତ ପ୍ରଫୁଲ୍ଲ କୁମାର ଜେନା, ଦେବେନ୍ଦ୍ର କୁମାର ରାଉତ, ତ୍ରିଲୋଚନ ଜେନା, ସୁବାସ ଚନ୍ଦ୍ର ମଜୁମଦାର, ଚିରରଞ୍ଜନ ରାଉତ, ମୂରଲୀଧର ବିଶ୍ୱାଳ, ଅନାଦି ଚରଣ ଦାସ, ବିଜୟ କୁମାର ସାହାଣୀ, ଶଶିଭୂଷଣ ପଣ୍ଡା, ପ୍ରଦୀପରଞ୍ଜନ ବୋଷ, ପର୍ଶୁରାମ ସ୍ୱାଇଁ, ସମାଜସେବୀ ବେଣୁଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ଦୁପୁର ହାଇସ୍କୁଲର ଛାତ୍ରୀ ସାଇକ୍ରୀଷ୍ଟା ଜେନା, କେନ୍ଦ୍ରାପଡା ସହରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ର ଛାତ୍ର ମହେଶ ଭୂୟାଁ ଶିକ୍ଷାଦାନ ଶେଷରେ ଶିକ୍ଷକମଣ୍ଡଳୀମାନଙ୍କୁ କୃତଜ୍ଞତା ଜଣାଇବା ସହ ଆଜିର ମନମୁଗ୍ଧକର ଶିକ୍ଷାଦାନ ଆମ୍ଭମାନଙ୍କ ପାଇଁ ପରୀକ୍ଷାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରଫୁଲ୍ଲ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବୃଦ୍ଧି ପାଉଛି ସିଆରପିସି-୪୧ ଉଲ୍ଲଂଘନ: ମାମଲା ବଢୁଛି; ସମୟ ବି ନଷ୍ଟ

ସାତବର୍ଷରୁ କମ ଦଣ୍ଡ ଥିବା ମାମଲାର ଅଭିଯୁକ୍ତମାନଙ୍କୁ ସିଆରପିସି ୪୧ରେ ନୋଟିସ ଦେଇ ଛାଡ଼ିବାର ନିୟମ ରହିଛି। ହେଲେ ପୁଲିସ ନିଜ ଉପରୁ ଦୋଷ ଖସାଇବା ପାଇଁ ସିଆରପିସି ୪୧କୁ ମାନୁନି। ଏଭଳି ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। ଏ ସମ୍ପର୍କିତ ମାମଲା ସଂଖ୍ୟା ବଢୁଥିବାରୁ ଅଯଥାରେ କୋର୍ଟଙ୍କ ସମୟ ନଷ୍ଟ ହେଉଛି। ଅନେକ ସମୟରେ କୋର୍ଟ ମଧ୍ୟ ପୁଲିସ ଉପରେ ଅସନ୍ତୋଷ ପ୍ରକାଶ କରୁଥିବାରୁ ସିଆରପିସି-୪୧କୁ କଡ଼ାକଡ଼ି ପାଳନ କରିବା ପାଇଁ ଏସପି ଓ ଡିସିପିମାନଙ୍କୁ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

କୋର୍ଟ ଅବମାନନା ମାମଲାରେ ଦିଲ୍ଲୀ ହାଇକୋର୍ଟ ଜଣେ ପୁଲିସ ଅଫିସରଙ୍କୁ ଗୋଟିଏ ଦିନରେ ସଜା ସହ ୨ ହଜାର ଟଙ୍କା ଜରିମାନା ଦେବାକୁ କହିଥିଲେ। ଏକ ଅପରାଧରେ ସଜା ୭ ବର୍ଷରୁ କମ ଥିଲା। ହେଲେ ଦିଲ୍ଲୀ ପୁଲିସ ତାଙ୍କୁ ଗିରଫ କରି ୪୧ ସିଆରପିସିରେ ନୋଟିସ ଦେଇ ଛାଡ଼ିବା ବଦଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାକୁ ବିରୋଧ କରି ସମ୍ପୃକ୍ତ ବ୍ୟକ୍ତି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ କୋର୍ଟ ମାମଲାର ବିଚାର କରି ଗିରଫ କରିଥିବା ପୁଲିସ ଅଫିସରଙ୍କୁ ଗୋଟିଏ ଦିନର ସଜା ଶୁଣାଇଥିଲେ। ତେଣୁ ଯଦି ଏଭଳି ଭୁଲ କଲେ ଆଇନ ଅନୁସାରେ ଦଣ୍ଡିତ ହେବାର ଆଶଙ୍କା ଥିବା କ୍ରାଇମବ୍ରାଞ୍ଚ ପୁଲିସ କର୍ମଚାରୀଙ୍କୁ ଚେତେଇ ଦେଇଛି।

ଜାନୁଆରୀ ମାସର ତଥ୍ୟ ଅନୁସାରେ ସାତ ବର୍ଷରୁ କମ ଦଣ୍ଡ ଥିବା ମାମଲାରେ ରାଜ୍ୟରେ ୨ହଜାର ୪୭୪ ଜଣ ଗିରଫ ହୋଇଥିବାବେଳେ ୯ହଜାର ୯୮୪ ଜଣଙ୍କୁ ନୋଟିସ ଦେଇ ଛଡ଼ା ଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଗିରଫ ହୋଇଥିବାବେଳେ ୯୨୦ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଟକରେ ୨୪ ଜଣ ଗିରଫ ହୋଇଥିବାବେଳେ ୩୪୧ ଜଣଙ୍କୁ ଛଡ଼ା ଯାଇଛି। ସେହିପରି ଯାଜପୁର ଜିଲ୍ଲାରେ ୮୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮୫ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ଜଗତସିଂହପୁର ଜିଲ୍ଲାରେ ୯୪ଜଣ ଗିରଫ ହୋଇଥିବାବେଳେ ୯୧ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କେନ୍ଦ୍ରାପଡ଼ାରେ ୫୦ଜଣ ଗିରଫ ହୋଇଥିବାବେଳେ ୩୨ ଜଣଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଛି। ଖୋର୍ଦ୍ଧାରେ ୧୦୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୫୯ ଜଣଙ୍କୁ ନେଟି ଦେଇ ଛଡ଼ାଯାଇଛି। ପୁରୀରେ ୧୫୨ ଜଣଙ୍କୁ ଗିରଫ ହୋଇଥିବାବେଳେ ୪୩୬ ନୋଟିସ ମାଧ୍ୟମରେ ଭଦ୍ରକ ଜିଲ୍ଲାରେ ୮୭ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୪୬୫ ଜଣଙ୍କୁ ନୋଟିସ ଦେଇ ଛାଡ଼ିଛି ପୁଲିସ। ବାଲେଶ୍ୱରରେ ୧୨୯ ଗିରଫ ହୋଇଥିବାବେଳେ ୪୨୫ଙ୍କୁ ଛଡ଼ା ଯାଇଛି। ମୟୂରଭଞ୍ଜରେ ୧୦୫ ଗିରଫ ହୋଇଥିବାବେଳେ ୬୨୧ ଜଣଙ୍କୁ ଛଡ଼ାଯାଇଛି। ସୁନ୍ଦରଗଡ଼ରେ ୧୦୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସିଆରପିସି ୪୧ରେ ୨୩୯ ଜଣଙ୍କୁ ଛଡ଼ାଯାଇଛି। ରାଉରକେଲାରେ ୬୦ ଗିରଫ ହୋଇଥିବା ବେଳେ ୨୬୨ ଜଣଙ୍କୁ ନୋଟିସ ଦିଆଯାଇଛି। ରାଜଧାନୀରେ ୨୩୩ଜଣ ଗିରଫ ହୋଇଥିବାବେଳେ ୨୧୯ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଟକରେ ୧୪୪ ଜଣ ଗିରଫ ହୋଇଥିବାବେଳେ ୩୩୯ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଳାହାଣ୍ଡିରେ ୨୨ଜଣଙ୍କୁ ଗିରଫ କରାଯାଇଥିବାବେଳେ ୫୦୧ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ଢ଼େଙ୍କାନାଳରେ ୭୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୧୦ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ସେହିଭଳି ଅନୁଗୁଳରେ ୧୪୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୫୫ଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଛି। ଏନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ମଧ୍ୟ ଥାନା କର୍ମଚାରୀଙ୍କୁ ସଚେତନ କରିବା ପାଇଁ ନୋଟିସ ହୋଇଥିଲା। ଏହାକୁ ପୁଣି ଥରେ କରାଯାଇଛି। ସିଆପିସି ସଂକ୍ରାନ୍ତ ମାମଲା ଦିନକୁ ଦିନକ ବଢୁଥିଲାବେଳେ ନ୍ୟାୟ ଉପରେ ମଧ୍ୟ ଏନେଇ ଏକ ପ୍ରକାର ବୋଝ ବୃଦ୍ଧି ପାଉଛି ତେଣୁ ଏ କ୍ଷେତ୍ରରେ ସଚେତନତା ବଢୁ ଓ ଲୋକମାନେ ନ୍ୟାୟ ପାଆନ୍ତୁ।

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ବହିର ସଂରକ୍ଷଣ ସହ ପଠନ ଲୋଡ଼ା, ପାଠକମାନଙ୍କୁ ବହିମନସ୍କ କରିବାର ଅଭିଯାନ ଆରଂଭ ହେଉ

ଖୋର୍ଦ୍ଧା (ପିଏନ୍): ଦିନକୁ ଦିନ ବହିର ଆଦର କମି ଯାଉଥିବାବେଳେ ଲୋକମାନଙ୍କୁ ବହିମନସ୍କ କରିବା ପାଇଁ ଆରଂଭ ହୋଇଛି ମନୋରଞ୍ଜନ ମିଶନ ପାଠାଗାର। ବଣିଆଟାଙ୍ଗୀ ରୋହିଣୀ ଭିଲ୍ଲାରେ ବରିଷ୍ଠ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ଦାସଙ୍କ ଉଦ୍ୟମରେ ସ୍ଥାପିତ ଏହି ପାଠାଗାରକୁ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଂଚଳର ପାଠକମାନଙ୍କ ପଠନ ପିପାସା ପାଇଁ ଏହି ପାଠାଗାର ସହାୟକ ହେବ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗାଳ୍ପିକ ସୁନୀଲ ବୋଷ, ଡା. ରାସବିହାରୀ ପତି, ଓଡ଼ିଆ ଜାତୀୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ଦାଶ, ସାଧାରଣ ସଂପାଦକ ନିରାକାର ବେଉରା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ କୁମାର ଜେନା, ପ୍ରଭାତନଳିନୀ ପତି ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟର ସମୃଦ୍ଧି ପାଇଁ ବହିର ସଂରକ୍ଷଣ ସହ ପଠନ ଆବଶ୍ୟକ ବୋଲି ମତ ଦେଇଥିଲେ। ବିଶ୍ୱାତ୍ମା ପ୍ରକାଶନୀ ପକ୍ଷରୁ ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ ପାଠାଗାରକୁ କିଛି ପୁସ୍ତକ ଦାନ କରି ଇଂରାଜୀମାଧ୍ୟମ ପିଲାମାନଙ୍କୁ ବହିମନସ୍କ କରିବା ପାଇଁ ଉଦ୍ୟମ ହେଉ ବୋଲି ମତ ଦେଇଥିଲେ। ମନୋରଞ୍ଜନ ମିଶନ ଟ୍ରଷ୍ଟ ପକ୍ଷରୁ ଏହି ପାଠାଗାର ପରିଚାଳିତ ହେଉଥିବାବେଳେ ସଂପ୍ରତି ଏଠାରେ ୫ହଜାରରୁ ଉର୍ଦ୍ଧ୍ୱ ବହି ଥିବାବେଳେ ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ପ୍ରତିଷ୍ଠାତା ମନୋରଞ୍ଜନ ଦାସ ମତ ଦେଇଥିଲେ। ଆଲ୍ପନା ମହାନ୍ତି ଓ ଇନ୍ଦିରା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପ୍ରତୀକ୍ଷା-୨ ଶିବିରର ଉଦ୍‌ଯାପନ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଦ୍ୱାରା ଗତ ୨୧ତାରିଖରୁ ଆରମ୍ଭ ହୋଇଥିବା ପ୍ରତୀକ୍ଷା-୨ ଶିବିର ଏକ ବର୍ଣ୍ଣାଢ଼୍ୟ ଉତ୍ସବ ମାଧ୍ୟମରେ ଉଦ୍‌ଯାପନ ହୋଇଯାଇଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସ୍କାଉଟ୍‌ର ସଭାପତି ତଥା ମାନ୍ୟବର ବିଧାୟକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ପିଲାମାନଙ୍କର ବ୍ୟକ୍ତିତ୍ୱ ଏବଂ ପାଠପଢ଼ା ଉପରେ କିପରି ସୁପ୍ରବାହ ପକାଇଥାଏ, ତା'ର ବର୍ଣ୍ଣନା କରିଥିଲେ। ଉତ୍ସବରେ ଅଧକ୍ଷତା କରି ଶ୍ରୀଯୁକ୍ତ ମିଶ୍ର କରୋନାର ପରବର୍ତ୍ତୀ କାଳରେ ଏହି ଶିବିର ପିଲାମାନଙ୍କ ନିମନ୍ତେ କିପରି ଏକ ମାର୍ଗଦର୍ଶକ ଭାବରେ କାମ କରିପାରିବ ତା'ର ରୂପରେଖ ପ୍ରସ୍ତୁତି ବିଷୟରେ ବ୍ୟାଖ୍ୟା କରିଥିଲେ। ସମ୍ମାନୀତ ଅତିଥି ଭାବରେ ମାଧ୍ୟମିକ ବୋର୍ଡ ଉପସଭାପତି ଶ୍ରୀ ନିହାର ରଂଜନ ମହାନ୍ତି ଏବଂ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ବୃନ୍ଦାବନ ଶତପଥୀ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ୫୧୩ଜଣ ସ୍କାଉଟ୍, ଗାଇଡ଼୍, ସ୍କାଉଟ୍ ମାଷ୍ଟର ଓ ଗାଇଡ଼୍ କ୍ୟାପଟେନ୍ ଯୋଗ ଦେଇ ଶିବିରର ବିଭିନ୍ନ ଦିବସରେ



ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଯଥା ଶାରୀରିକ କ୍ରୀଡ଼ା କୌଶଳ, ସାମରିକ କ୍ରୀଡ଼ା, କଲରପାର୍ଟି, ଦଳଗତ ନୃତ୍ୟ, ବକ୍ତୃତା, ଫୁଡ଼ଭିଲ୍ଲା, ର୍ୟାମ୍ପ ୱାକ୍, କୌତୁକ ପୋଷାକ ପରିଧାନ, ଯୋଗାସନ, ବିପି, କ୍ରୀଡ଼ା କୌଶଳ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ ସହିତ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଶିବିର ବିଭିନ୍ନ ଦିବସରେ ବିଭିନ୍ନ ଅତିଥିମାନେ ଆସି ଯୋଗଦାନ କରି ପିଲାମାନଙ୍କୁ ବିଭିନ୍ନ ପ୍ରକାର ସଦ୍ ଉପଦେଶ ପ୍ରଦାନ କରିଥିଲେ। ଅପରାହ୍ଣ ୪ଟା ସମୟରେ ମାନସିକ ସ୍ନାୟୁ ରୋଗ ବିଶେଷଜ୍ଞ ଡଃ ପ୍ରଣବ ମହାପାତ୍ର ଯୋଗଦାନ କରି ପିଲାମାନଙ୍କର ମାନସିକ ବିକାଶ ଉପରେ ଗୁରୁତ୍ୱ ଦେଇ ଭବିଷ୍ୟତରେ ଭଲ ନାଗରିକ ହେବା ସେ ବିଷୟରେ ଆଲୋକପାତ କରିଥିଲେ। ଅତିଥିମାନେ ବିଭିନ୍ନ ଜିଲ୍ଲା ଦ୍ୱାରା ଆୟୋଜିତ "ଗ୍ରାମ୍ୟ ବଜାର"ରେ ବୁଲି କିଣାକିଣି କରିବା ସହିତ ବିଭିନ୍ନ ସ୍ୱାଦର ଖାଦ୍ୟପଦାର୍ଥକୁ ଉପଭୋଗ କରିଥିଲେ। ରାଜ୍ୟ ଗାଇଡ଼୍ ସଂଗଠିକା ତଥା ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନାମିକା ଦାସଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ରାଜ୍ୟ କୋଷାଧକ୍ଷ ଶ୍ରୀ ଭବାନୀ ପ୍ରସାଦ ମିଶ୍ର ରାଜ୍ୟ ଯୁଗ୍ମ ସଂପାଦକ ଶ୍ରୀ ମିହିର ରଂଜନ ପଟ୍ଟନାୟକ, ରାଜ୍ୟ ସ୍କାଉଟ୍ ତାଲିମ କମିସନର ଶ୍ରୀ ସୁରଜିତ ସେନ, ରାଜ୍ୟ ଗାଇଡ଼୍ ତାଲିମ କମିସନର ପ୍ରିୟଦର୍ଶିନୀ ମହାପାତ୍ର ଓ ରାଜ୍ୟ ମୁଖ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରଭୃତି ସହଯୋଗ କରିଥିଲେ। ପରିଶେଷରେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋ ସହର

## ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୁର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା । ତେବେ ଆଜି ସକାଳେ କେନ୍ଦ୍ରାପଡାର ଏକ ସାଇଁଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।

## ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର । ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ । ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା



ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି ।

## ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ୟତା ଗୁରୁ ର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି।

## ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି। ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି ।

## ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍.ଡ଼ି.ଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଳୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

## ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।


MAHARISHI PUBLIC SCHOOL
मा विद्याधिकम

2024-2025

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Saturday June 01, 2024 ଭୁବନେଶ୍ୱର ଶନିବାର, ଜୁନ ୦୧,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ପାରାଦ୍ୱୀପ ସାକ୍ଷରତା ସମିତି ପକ୍ଷରୁ ସାମୁହିକ ସଫେଇ କାର୍ଯ୍ୟକ୍ରମ

ପାରାଦ୍ୱୀପ,(ପି.ଏନ): ସାଧାରଣରେ ପରିବେଶ ସଚେତନତା ସୃଷ୍ଟି କରିବାପାଇଁ ପାରାଦ୍ୱୀପ ବନ୍ଦରର ସାମାଜିକ ଶାଖା ପାରାଦ୍ୱୀପ ସାକ୍ଷରତା ସମିତି ଆନୁକୂଲ୍ୟରେ ଜିଜେଏଆଇ କଲୋନୀ ଅଞ୍ଚଳରେ ଏକ ସାମୁହିକ ସଫେଇ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହିଳା ସମିତି ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କର ୫୦ ରୁ ଉର୍ଦ୍ଧ ମହିଳା ସ୍ୱେଚ୍ଛାସେବୀ ଏହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ସାକ୍ଷରତା ସମିତି ର ସମ୍ପାଦକ ରାମଚନ୍ଦ୍ର ପ୍ରଧାନ, ପ୍ରକଳ୍ପ ସଂଯୋଜକ ଅଶୋକ



ମହାପାତ୍ର ଓ ଉପ ପ୍ରକଳ୍ପ ସଂଯୋଜିକା ଝରଣା ନାୟକ ପ୍ରମୁଖ ପରିଚାଳନା କରିବା ସହ ସମସ୍ତ କଲୋନୀ ବାସୀ ନିଜ ବାସଗୃହ ଚାରିପାଖ ସର୍ବଦା ପରିଷ୍କାର ପରିଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ ।

## ଓସ୍ତପୁର ପ୍ରାଥମିକ ବିଦ୍ୟାଳୟ ୨ବର୍ଷ ହେବ ବନ୍ଦ ଏବେ ସେହି ବିଦ୍ୟାଳୟରେ ପୋଲିଂ ବୁଥ୍

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପ୍ରାଥମିକ ବିଦ୍ୟାଳୟଟି ପ୍ରାୟ ଦୁଇବର୍ଷରୁ ଉର୍ଦ୍ଧ୍ୱ ହେବ ନିକଟସ୍ଥ କଂସାର ସାହସପୁର ହାଇସ୍କୁଲ ସହିତ ମିଶ୍ରଣ ହୋଇଯାଇଛି । ସେହି ବିଦ୍ୟାଳୟର ପୁରୁଣା ଗୃହରେ ଏକ ରୁରାଲ୍ ଜିମ୍ ଖୋଲିଥିବା ବେଳେ ସେଠାରେ ସ୍କୁଲର କୌଣସି ଆସବାବ ପତ୍ର ନାହିଁ କି ସ୍କୁଲ ଭାବରେ ବ୍ୟ ବହାର ହେଉନାହିଁ । ସେହି ରୁରାଲ ଜିମ୍‌କୁ ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ, ୮ନଂଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ ଓ କେନ୍ଦ୍ରାପଡା ବ୍ଲକ ବିଡିଓ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ସେଠାରେ ବର୍ଷାଧିକ କାଳ ହେବ ରୁରାଲ ଜିମ୍ ଚାଲିଥିବା ବେଳେ ହଠାତ୍ ଗତକାଲି ରାତିରେ ଓସ୍ତପୁର ପ୍ରାଥମିକ ବିଦ୍ୟାଳୟ ଲେଖା ଥିବା ଏକ ବ୍ୟାନର ଝୁଲାଇ ଦିଆଯାଇଥିବା ବେଳେ ସେହି ଜିମ କାନ୍ଥରେ ବୁଥ୍ ନଂ ୨୩୦ ବୋଲି ଲେଖି ଦିଆଯାଇଛି । ଏଥିସହିତ ଜିମ୍‌ର ସମସ୍ତ ଆସବାବ ପତ୍ରକୁ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ର ଗୃହକୁ ଅସ୍ଥାୟୀ ଭାବେ ସ୍ଥାନାନ୍ତର କରି ଦିଆଯାଇଛି । ଏହା କିପରି ସମ୍ଭବ ହେଲା ବୋଲି ସ୍ଥାନୀୟ ଲୋକେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ଗୋଟିଏ ବିଦ୍ୟାଳୟ ବନ୍ଦ ହୋଇଯାଇଥିବା ବେଳେ ଏବଂ ସେଠାରେ ଏକ ଜିମ ଚାଲିଥିବା ବେଳେ ପୂର୍ବରୁ କୌଣସି ସୂଚନା ଦିଆନଯାଇ ହଠାତ ସେଠାରେ ବୁଥ କରାଯିବା ଘଟଣା ସମ୍ପର୍କରେ ଆପ୍‌ର ସଂଯୋଜକ ସୂର୍ଯ୍ୟକାନ୍ତ ପରିଡା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

## ଖପ୍ରାଖୋଲ ବ୍ଲକ ର ବର୍ଷୀୟାନ ରାଜନେତା ତଥା ପୂର୍ବତନ ବ୍ଲକ ଅଧକ୍ଷ ଗଣେଶ ରାମ ଭୋଇ ଙ୍କ ପରଲୋକ, ବିଭନ୍ନ ମହଲରେ ଶୋକ

ଖପ୍ରାଖୋଲ/ ଲାଠୋର ( ପିଏନ/ ଭୋଜରାଜ ବରିହା), (ପି.ଏନ): ଖପ୍ରାଖୋଲ ବ୍ଲକ ର ବର୍ଷୀୟାନ ରାଜନେତା ତଥା ଖପ୍ରାଖୋଲ ବ୍ଲକ ର ପୂର୍ବତନ ବ୍ଲକ ଅଧକ୍ଷ ଗଣେଶ ରାମ ଭୋଇ(୧୦୦) ଙ୍କ ଶୁକ୍ରବାର ସକାଳେ ପରାଲୋକ ହୋଇଯାଇଛି । ସେ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିବା ବେଳେ ନିଜ ବାସଭବନ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ଗାଁ ରେ ପରଲୋକ ହୋଇଥିବା ଜଣା ଯାଇଛି । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ସ୍ୱର୍ଗତ ଭୋଇ ୨୦୧୨ ରୁ ୨୦୧୭ ଯାଏଁ ବିଜୁ ଜନତାଦଳ ସମର୍ଥନ ରେ ଖପ୍ରାଖୋଲ ବ୍ଲକ ର ଅଧକ୍ଷ ଥିବାବେଳେ ପୂର୍ବରୁ ଅବିଭକ୍ତ ଲାଠୋର ପଞ୍ଚାୟତ ର ସରପଞ୍ଚ ରୂପେ ୧୯୫୯ ରେ ନିର୍ବାଚିତ ହୋଇଥିବା ବେଳେ ଲଗାଦାର ଲାଠୋର , ଟଙ୍କପାଣି, କରୁଆଁଝର୍ ପଞ୍ଚାୟତ ରୁ ରେକର୍ଡ ୯ ଥର ସରପଞ୍ଚ ନିର୍ବାଚିତ ହୋଇଥିବା ବେଳେ ବେନ୍ଦେର ପଞ୍ଚାୟତ ରୁ ସମିତି ସଭ୍ୟ ନିର୍ବାଚିତ ହୋଇ ୨୦୧୨ ରେ ବ୍ଲକ ଅଧକ୍ଷ ନିର୍ବାଚିତ ହେଇଥିଲେ । ସେ ମିଳାପି ଓ ଶୋଷ୍ଟ ବାଦୀ ଭାବେ ବେଶ ପରିଚିତ ଥିଲେ । ସ୍ୱତନ୍ତ୍ର ପରିଷଦ ରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ବେଳେ ତାଙ୍କ ଜୀବନ କାଳରେ ଅନେକ ଉନ୍ନୟନ କାମ କରିଯାଇଛନ୍ତି ।ତାଙ୍କ ଶେଷ କୃତ୍ୟ ନିଜ ଗାଁ ସାନଗୁର୍ଜିଭଟା ରେ ଅନୁଷ୍ଠିତ ହୋଇଥିବା ବେଳେ ମଧମ ପୁତ୍ର ରମାକାନ୍ତ ମୁଖଗ୍ନି ଦେଇଥିଲେ ଅନ୍ୟ ମାନଙ୍କ ମଧ୍ୟରେ ସାନ ପୁଅ କମାକ୍ଷ, ନାତୁଣୀ, ନାତି, ଶୁଭେଚ୍ଛୁ, ବନ୍ଧୁ ବର୍ଗ ଉପସ୍ଥିତ ଥିଲେ ।

## ଆଇସିଆଇସିଆଇ ପ୍ରୁଡେନସିଆଲ ଲାଇଫ ଦାବି ଫଇସଲା ଅନୁପାତ ୯୯.୧୭%

କଟକ,(ପି.ଏନ): ୨୦୨୩-୨୪ ଆର୍ଥିକ ବର୍ଷରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫର ଦାବିସମାଧାନ ଅନୁପାତ ୯୯.୧୭% ରହିଛି, ଯାହା ଉକ୍ତ କ୍ଷେତ୍ରରେ ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ । ଗୁରୁତ୍ୱପୂର୍ଣ୍ଣ ହେଉଛି, ପ୍ରକୃତ ମୃତ୍ୟୁ ଦାବିର ସମାଧାନ ପାଇଁ ହାରାହାରି ୧.୨୭ ଦିନ ସମୟ ଲାଗିଥିଲା । ୨୦୨୪ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ କମ୍ପାନି ମୃତ୍ୟୁ ଦାବି ବାବଦରେ ମୋଟ ୧,୮୬୭ କୋଟି ଟଙ୍କା ପ୍ରଦାନ କରିଛି । ୨୦୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ କଂପାନିର ଦାବି ସମାଧାନ ଅନୁପାତ ୯୭.୯୪%, ୨୦୨୪ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସରେ ଏହା ୯୮.୧୪% ଏବଂ ୨୦୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ଏହା ୯୮.୫୨% ଥିଲା । ଏହି ପରିପ୍ରେକ୍ଷୀରେ କମ୍ପାନିର ମୁଖ୍ୟ ପରିଚାଳନା ଅଧିକାରୀ, ଅମିଷ ବ୍ୟାଙ୍କର କହିଛନ୍ତି ଯେ, 'ଜୀବନ ବୀମା ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ । ତେଣୁ ଆମେ ସୁନିଶ୍ଚିତ କରୁଛୁଯେ, ସମସ୍ତ ପ୍ରକୃତ ଦାବିର ଶୀଘ୍ର ସମାଧାନ ହେବ । ୨୦୨୪ ଆର୍ଥିକ ବର୍ଷରେ ଆମର ଶିଳ୍ପର ଅଗ୍ରଣୀ ଦାବି ସମାଧାନ ଅନୁପାତ ୯୯.୧୭% ରହିଛି ଏବଂ ସମସ୍ତ ଦସ୍ତାବିଜ ପାଇବା ପରେ ଅଣ-ଅନୁସନ୍ଧାନ ଖୁଚୁରା ଓ ମୃତ୍ୟୁ ଦାବି ସମାଧାନ ପାଇଁ ହାରାହାରି ସମୟ ମାତ୍ର ୧.୨୭ ଦିନ ଥିଲା । ସୂଚନାଯୋଗ୍ୟ, ଗତ ୧୦ ବର୍ଷ ମଧ୍ୟରେ କମ୍ପାନି ମୋଟ ୧୨,୧୧୨ କୋଟି ଟଙ୍କାର ମୃତ୍ୟୁ ଦାବିର ସମାଧାନ କରିଛି ଯାହା ଲକ୍ଷଲକ୍ଷ ପରିବାରର ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିଛି । ୨୦୨୪ ଆର୍ଥିକ ବର୍ଷ ପାଇଁ କମ୍ପାନିଏହି ପଦକ୍ଷେପ ଅଧୀନରେ ଗୋଟିଏ ଦିନରେ ୪,୦୦୦ରୁ ଅଧିକ ଦାବିର ସମାଧାନ କରିଛି ।

## ଧର୍ମଶାଳା କଲେଜ୍‌ରେ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱଗ୍ରହଣ

ଧର୍ମଶାଳା, (ପିଏନ୍): ଧର୍ମଶାଳା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଆଜି ସ୍ୱରୁପାନନ୍ଦ ପଣ୍ଡା କାର୍ଯ୍ୟରେ ଯୋଗଦେଇଛନ୍ତି । କଲେଜ୍ ଅଧ୍ୟକ୍ଷ ଜୟ' କୁମାର ସାହୁ ଆଜି ଅବସରଗ୍ରହଣ କରିବା ପରେ ନୂତନ ଅଧକ୍ଷ ଭାବେ ଯୋଗଦେଇଥିବା ଶ୍ରୀ ପଣ୍ଡାଙ୍କୁ ଦାୟିତ୍ୱ ହସ୍ତା'ର କରିଛନ୍ତି । ଶ୍ରୀ ପଣ୍ଡା ଏହି ମହାବିଦ୍ୟାଳୟରେ ୨୦୧୮ ମସିହାରୁ ଦର୍ଶନ ଶାସ୍ତ୍ର ବିଭାଗର ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଆସୁଛନ୍ତି । ପୂର୍ବରୁ ସେ କେନ୍ଦୁଝରସ୍ଥିତ ରେମୁଳି ମହାବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ । ଆଜି ଶ୍ରୀ ପଣ୍ଡା ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ ସମୟରେ କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଧନେଶ୍ୱର ମହାଁ, ପ୍ରଧ୍ୟାପିକା କେତକୀ ନାୟକ,ବରିଷ୍ଠ ଅଧ୍ୟାପକ ନିଗମନନ୍ଦ ବିଶ୍ୱାଳ, ଶ୍ରୀ ପ୍ରସାଦ ନାୟକ, ଆଶିଷ ଦାସ,ପୀତବାସ କର,ନିରନ ସେଠୀ, ଅଧ୍ୟାପିକ ସଲିପ୍ତା ଦାସ, ଭାନୁପ୍ରିୟା ନାୟକ,ଅଣଶିକ୍ଷକ କର୍ମଚାରୀ ମନୋରନ ପଣିଗ୍ରାହୀ, ଚନ୍ଦନ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦେବା ସହିତ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଛ ଦେଇ ସ୍ୱାଗତ କରିଥିଲେ ।

## ସ୍କର୍ପିଓ ଧକ୍କାରେ ସ୍କୁଟି ଆରୋହୀ ମୃତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥ ଭାଲୁଖାଇସ୍ଥିତ ଓଭରବ୍ରିଜ୍‌ରେ ଏକ ସ୍କର୍ପିଓ ଗାଡି ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ସ୍କୁଟି ଆରୋହୀ ଯାଜପୁରରୋଡ଼ ଥାନା ଡୋଲିପୁର ଅଂଚଳର ବିଶ୍ୱଜିତ ଜେନା (୩୭) ବୋଲି ଜଣାପଡିଛି । ସୂଚନା ମୁତାବକ ପାରାଦ୍ୱୀପ ଅଂଚଳରୁ ବିଶ୍ୱଜିତ ଆଜି ଭୋର ସମୟରେ ଓଡ଼ି୦୨ଏସି ୪୦୭୮ନଂ ସ୍କୁଟରରେ ଘରକୁ ଫେରୁଥିବା ବେଳେ ଭାଲୁଖାଇସ୍ଥିତ ଓଭରବ୍ରିଜ ଉପରେ ଏକ ସ୍କର୍ପିଓ ତାଙ୍କୁ ଧକ୍କା ଦେଇ ଫେରର ହୋଇଯାଇଥିଲା । ଫଳରେ ଘଟଣା ସ୍ଥଳରେ ବିଶ୍ୱଜିତଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପହଁଚି ମୃତଦେହକୁ ଉଦ୍ଧାର କରି ଅମ୍ବୁଲାନ୍ସ ଯୋଗେ ଧର୍ମଶାଳା ଡାକ୍ତରଖାନାକୁ ପଠାଇଥିଲା । ମୃତକର ପରିବାର ଅଭିଯୋଗ କ୍ରମେ ପୁଲିସ୍ ୪୨୬/୨୪ରେ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ସ୍କୁଟରକୁ ଜବତ କରିବା ସହ ମୃତଦେହକୁ ବ୍ୟବଛେଦ ଲାଗି ପଠାଇ ଘଟଣାର ତତ' କରୁଛି ।

## ନାରାୟଣ ବୀରବର ସାମନ୍ତ ଚ଼ାରିଟେବୁଲ ଟ୍ରଷ୍ଟର ଜରୁରୀ ବୈଠକରେ ସମ୍ପଦଙ୍କୁ ସମର୍ଥନ

ପାରାଦ୍ୱୀପ/କୁଜଙ୍ଗ,(ପି.ଏନ):ଚ଼ଳିତ ସାଧାରଣ ନିର୍ବାଚ଼ନ ପରିପ୍ରେକ୍ଷୀରେ ଅଞ୍ଚଳର ସୁରକ୍ଷା ଦୃଷ୍ଟିରୁ ପୁରାତନ କୁଜଙ୍ଗରାଜ୍ୟର ଦୟାଦମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରାର୍ଥୀ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ବାହାର ଅଞ୍ଚଳ(ଜନ୍ମସ୍ଥାନ)ର ପ୍ରାର୍ଥୀଙ୍କୁ ପରାଜିତ କରିବା ପାଇଁ ୨୯ ମୌଜା ଅଞ୍ଚଳରେ ଜନ୍ମିତ ପୁତ୍ର ସମ୍ପଦ ସ୍ୱାଇଁ ହିଁ ସବାଗ୍ରେ ଥିବା ଅନୁଭବ କରି, ଚ଼ଳିତ ନିର୍ବାଚ଼ନରେ ସମ୍ପଦଙ୍କୁ ଭୋଟଦାନରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ନାରାୟଣ ବୀରବର ସାମନ୍ତ ଚ଼ାରିଟେବୁଲ ଟ୍ରଷ୍ଟରେ ପ୍ରସ୍ତାବ ଗୃହୀତ ହୋଇଛି ।



## ଶତପ୍ରତିଶତ ଭୋଟ୍ ପାଇଁ ନିମନ୍ତ୍ରଣ ଓ ନିବେଦନ, ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ଆହ୍ୱାନ

କେନ୍ଦ୍ରାପଡ଼ା, (ପି.ଏନ): ଗଣତନ୍ତ୍ର ମହାପର୍ବରେ ସାମିଲ ହୋଇ ଶତପ୍ରତିଶତ ଭୋଟଦାନ କରିବାକୁ କେନ୍ଦ୍ରପଡ଼ା ଜିଲ୍ଲାର ସମସ୍ତ ମତଦାତାଙ୍କୁ ସାଦର ନିମନ୍ତ୍ରଣ ଓ ନିବେଦନ ଜଣାଇଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ । ଏଥିସହ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି । ଚଳିତ ସାଧାରଣ ନିର୍ବାଚନରେ ଲଢୁଥିବା ୧୦ଜଣ ସାଂସଦ ପ୍ରାର୍ଥୀ ଓ ୪୦ ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର୍ । ମତଦାତାଙ୍କ ପାଇଁ ସଜାଇ ହୋଇ ରହିଛି ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନ କ୍ଷେତ୍ରର ୧୪୪୫ଟି ମତଦାନ କେନ୍ଦ୍ର । ପାନୀୟ ଜଳ, ସୁଲଭ ଶୌଚାଳୟ, ବିଶ୍ରାୟ ସ୍ଥାନ, ଆଲୋକୀକରଣ ବ୍ୟବସ୍ଥା, ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ, ଓଆର୍‌ଏସ୍ ପ୍ୟାକେଟ୍, ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି, ଦିବ୍ୟାଙ୍ଗ ଜନଙ୍କ ପାଇଁ ସକ୍ଷମ ବାହାନ ଆଦି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛି ଜିଲ୍ଲା ପ୍ରଶାସନ । ଆଜି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌ରୁ ଇଭିଏମ୍‌ଗୁଡ଼ିକୁ ସଂଗ୍ରହ କରି ବୁଥ୍ ପରିଚାଳନା ଅଧିକାରୀମାନେ ବାକି ଥିବା ଦୁଇ ନିର୍ବାଚନ ମଣ୍ଡଳୀ ୯୬-ପାଟକୁରା, ୯୭-କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରର ସମସ୍ତ ବୁଥ୍‌କୁ ଯାତ୍ରା କରିଛନ୍ତି । ପ୍ରତ୍ୟେକ ପୋଲିଂ ପାର୍ଟିରେ ଅଛନ୍ତି ଜଣେ ପ୍ରିଜାଇଡିଙ୍ଗ୍ ଅଫିସର, ୫ଜଣ ପୋଲିଂ ଅଧିକାରୀ ଓ ଜଣେ ପୁଲିସ । ପାଟକୁରାରେ ୩୦୯ଟି ବୁଥ୍ ଥିବା ବେଳେ କେନ୍ଦ୍ରାପଡ଼ାରେ ରହିଛି ୨୪୬ଟି ବୁଥ୍ । ଏଥିସହ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଆଜି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌ରୁ ସମସ୍ତ ବ୍ଲକ ମୁଖ୍ୟାଳୟକୁ ଇଭିଏମ୍ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସ୍ଥାନାନ୍ତର ହୋଇଛି । ଆସନ୍ତାକାଲି ଭୋଟ୍‌ଗ୍ରହଣ ସମୟରେ ଯଦି ଇଭିଏମ୍ ମେସିନ୍‌ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ପ୍ରିଜାଇଡିଙ୍ଗ୍ ଅଫିସରଙ୍କ ସୂଚନାକ୍ରମେ ବ୍ଲକ୍ ମୁଖ୍ୟାଳୟରୁ ବୁଥ୍‌କୁ ଇଭିଏମ୍ ପ୍ରେରଣ କରାଯିବ । ଗତକାଲିଠାରୁ ଅର୍ଥାତ୍ ଗୁରୁବାର ସଂଧ୍ୟା ୬ଘଟିକାରୁ ଶନିବାର ସଂଧ୍ୟା ୬ଘଟିକା ପର୍ଯ୍ୟନ୍ତ ଡ୍ରାଏ ଡେ ଘୋଷଣା ହୋଇଥିବାରୁ ଜିଲ୍ଲାରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ରହିଛି । ନିର୍ବାଚନକୁ ଶାନ୍ତିପୂର୍ଣ୍ଣଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି । ଜିଲ୍ଲାରେ ସିଏପିଏଫ୍ (ସେଂଟ୍ରାଲ୍ ଆର୍ମଡ୍ ପୋଲିସ୍ ଫୋର୍ସ) ୧୮ କମ୍ପାନୀ ଅର୍ଥାତ୍ ୫୪ ପ୍ଲାଟୁନ୍ ମୁତୟନ ହୋଇଛନ୍ତି । ରାଜ୍ୟ ଶସସ୍ତ୍ର ପୁଲିସ୍ ବାହିନୀର ୧୩ ପ୍ଲାଟୁନ୍ ଫୋର୍ସ ମତଦାତାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବେ । ୧୪୪୫ଟି ବୁଥ୍‌ରେ ୧୪୪୫ଜଣ ପୁଲିସ୍ କର୍ମଚାରୀ ନିଜର କର୍ତବ୍ୟ ସମ୍ପାଦନ କରିବେ । ମତଦାନ ସମୟରେ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ଅସାମାଜିକ ତତ୍ୱକୁ ପ୍ରତିହତ କରିବା ପାଇଁ ୧୦୮ଟି ଚାରିଚକିଆ ଯାନରେ ପୁଲିସ୍ ଅଧିକାରୀମାନେ ସମସ୍ତ ବୁଥ୍‌କୁ ପରିଦର୍ଶନ କରିବା ପାଇଁ ନିୟୋଜିତ ହୋଇଛନ୍ତି । ବାହାର ଜିଲ୍ଲାରୁ ଆସିଥିବା ୭୫୦ଜଣ କନେଷ୍ଟବଲ ଓ ହାବିଲଦାର ଏବଂ ୬୧୦ଜଣ ହୋମ୍‌ଗାର୍ଡ଼ ନିର୍ବାଚନରେ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବେ । ୧୮୬ ଜଣ ପୁଲିସ୍ ଅଧିକାରୀ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ନିୟୋଜିତ ହୋଇଛନ୍ତି । ଆସନ୍ତାକାଲି ସକାଳ ୭ଘଟିକାରୁ ସଂଧ୍ୟା ୬ଘଟିକା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ । ଶତପ୍ରତିଶତ ଭୋଟ୍‌ଦାନ କରି ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray